◆ Bhubaneswar, January 16-31, 2026
◆ ଭୁବନେଶ୍ୱର, ଜାନୁଆରୀ ୧୬-୩୧, ୨୦୨୬
◆ Vol. -09 ◆ Issue -03
◆ ଭାଗ-୦୯ ◆ ସଂଖ୍ୟା-୦୩
◆ Rs. 2.00 /- ◆ Pages: 04
◆ ମୂଲ୍ୟ: ଟ୨.୦୦ ◆ପୃଷ୍ଠା ସଂଖ୍ୟା: ୦୪
◆ପାକ୍ଷିକ ◆FORTNIGHTLY

RNI Regd. No.: ODIODI/2017/74065
email: pratishabda7@gmail.com

# ପ୍ରତିଶବ୍ଦ
The Pratishabda



ସମ୍ବଲପୁରବାସୀଙ୍କୁ ମିଳିବ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରତି ବଢୁଛି ଲୋକଙ୍କ ଆସ୍ଥା

(ଜୀତେନ୍ଦ୍ର ପତି)

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୬ତମ ପାଳିରେ ୟୁନିଟ୍-୨ସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରିମଣ୍ଡଳର ୭ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ଥିଲେ। ସବୁଥର ପରି ମୁଖ୍ୟମନ୍ତ୍ରୀ ପ୍ରଥମେ ପ୍ରକୋଷ୍ଠ ବାହାରେ ଅପେକ୍ଷା କରିଥିବା ୩୦ ଜଣ ଦିବ୍ୟାଙ୍ଗ ଓ ଦୁରାରୋଗ୍ୟ ପୀଡିତଙ୍କ ସମସ୍ୟା ଶୁଣିଥିଲେ। ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜୀକୃତ ଅଭିଯୋଗକାରୀଙ୍କ




ଅଭିଯୋଗ ଶୁଣିଥିଲେ। ଜଟିଳ ରୋଗରେ ପୀଡିତ କେନ୍ଦୁଝର ଜିଲ୍ଲାର ପପୁନ ମହାରଣା, ଖୋର୍ଦ୍ଧା ଜିଲ୍ଲାର ପ୍ରିୟବ୍ରତ ପ୍ରଧାନ ଓ କଟକ ଜିଲ୍ଲାର ଦୀପ୍ତିମୟୀ ଦାଶଙ୍କ ପାଇଁ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ମୁଖ୍ୟମନ୍ତ୍ରୀ ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗତ ୧୫ଟି ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୩ହଜାର ୩୫୮ଟି ଅଭିଯୋଗ ମଧ୍ୟରୁ ୧୨ହଜାର ୭୪୮ଟି ଅଭିଯୋଗର ସମାଧାନ କରାଯାଇଛି। ଅର୍ଥାତ୍ ସମାଧାନ ହାର ୯୫% ରହିଛି। ଆଜି ସୁଦ୍ଧା ପ୍ରାୟ ୫୬ ହଜାରରୁ ଅଧିକ ଲୋକ ଜନଶୁଣାଣି ପ୍ରକୋଷ୍ଠକୁ ଆସି ସେମାନଙ୍କ ଅଭିଯୋଗ ଜଣାଇଛନ୍ତି। ଏହାସହ ଜନ ଶୁଣାଣି ପୋର୍ଟାଲ୍ ଓ ଡାକ ଇତ୍ୟାଦି ଯୋଗେ ଆସିଥିବା ୧ଲକ୍ଷ ୪୯ହଜାର ୪୧୮ ଅଭିଯୋଗ ଭିତରୁ ୧ଲକ୍ଷ ୩୦ହଜାର ୮୪୫ ଅର୍ଥାତ୍ ୮୮% ଅଭିଯୋଗର ସମାଧାନ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ମାଧ୍ୟମରେ ବିଭିନ୍ନ ଅଞ୍ଚଳର ଲୋକଙ୍କର ବହୁଦିନର ସମସ୍ୟାର ସମାଧାନ ହୋଇପାରୁଛି। ସାଧାରଣ ଲୋକମାନେ ନ୍ୟାୟ ପାଉଛନ୍ତି। ଏଥିପାଇଁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଉପରେ ଜନସାଧାରଣଙ୍କ ଆସ୍ଥା ଓ ଆଗ୍ରହ ବଢ଼ିଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ।

## ଏପ୍ରିଲ ପହିଲା ଯାଏଁ ପ୍ରଦୂଷଣ ସାର୍ଟିଫିକେଟ ଯାଞ୍ଚ କୋହଳ

ଭୁବନେଶ୍ୱର: ପ୍ରଦୂଷଣ ସାର୍ଟିଫିକେଟ୍ (ପିୟୁସିସି) ଓ ଏହାକୁ ନେଇ ମୋଟା ଅଙ୍କର ଜରିମାନା ଆଦାୟ କରିବାକୁ ପରିବହନ ବିଭାଗ କରିଥିବା ଫନ୍ଦି ଏବେ ସରକାରଙ୍କ ପାଇଁ ବୁମେରାଂ ହୋଇଛି। ଏହି ପ୍ରସଙ୍ଗକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ସରକାରଙ୍କୁ ଚାରି ଆଡୁ ସମାଲୋଚନା କରାଯାଉଛି। ଦିନକୁ ଦିନ ଏହି ପ୍ରସଙ୍ଗରେ ଜନ ଅସନ୍ତୋଷ ଦାନା ବାନ୍ଧୁଥିବା ବେଳେ ବିଜେଡି ଏହି ପ୍ରସଙ୍ଗରେ ରାସ୍ତାକୁ ଓହ୍ଲାଇଛି। ଜନ ଅସନ୍ତୋଷ ଭୟ ଏବେ ସରକାରଙ୍କୁ ଘାରିଛି ଓ ପ୍ରଦୂଷଣ ଜୋରିମାନା ସଂକ୍ରାନ୍ତରେ ସରକାର ଏକ ବଡ଼ ନିଷ୍ପତ୍ତି ନେବାକୁ ଯାଉଛନ୍ତି। ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଭଳି ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ୧୦ ହଜାର ଟଙ୍କା ବଦଳରେ ୧ ହଜାର ଟଙ୍କା ଜୋରିମାନା ନିମନ୍ତେ ସରକାର ଯୋଜନା କରୁଛନ୍ତି। ଏହା ସହ ପ୍ରଦୂଷଣ ଜୋରିମାନା ହୋଇଥିବା ଦିନଠାରୁ ୭ ଦିନ ମଧ୍ୟରେ ଗାଡ଼ି ମାଲିକ ପ୍ରମାଣପତ୍ର ଦାଖ କଲେ ସମ୍ପୂର୍ଣ୍ଣ ଜୋରିମାନା ଛାଡ଼ ପାଇଁ ମଧ୍ୟ ସରକାର ଯୋଜନା କରିଛନ୍ତି । ବିଶେଷକରି 'ପିୟୁସିସି ନ ଥିଲେ ତେଲ ମନା' ନିର୍ଦ୍ଦେଶ ସରକାରଙ୍କୁ ଅଡୁଆରେ ପକାଇଛି। ଏପରିକି ଏହାକୁ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ଏହାପରେ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ହସ୍ତକ୍ଷେପ କରିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପିୟୁସିସି ନାଁରେ ପରିବହନ ବିଭାଗ ବକେୟା ଚାଲାଣ ଆଦାୟ ପାଇଁ କରିଥିବା ଫନ୍ଦି ଏକପ୍ରକାର ଫସର ଫାଟିଛି। ଏହାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ସାମାଜିକ ଗଣମାଧ୍ୟମରେ ରାଜ୍ୟବାସୀ ସରକାରଙ୍କୁ କାଠଗଡ଼ାରେ ଠିଆ କରିଛନ୍ତି । ରାଜ୍ୟରେ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ଲୋକଙ୍କ ମନରେ ରହିଥିବା ରୋଷକୁ ପ୍ରଦୂଷଣ ପ୍ରମାଣପତ୍ର ଯନ୍ତ୍ରଣା ବହୁଗୁଣିତ କରିଛି । ଏହା ବଳବତ୍ତର ରହିଲେ ଶାସକ ଦଳ ଓ ରାଜ୍ୟ ସରକାରଙ୍କ ବିରୋଧରେ ଜନମତ ସୃଷ୍ଟି ହେବା ଆଶଙ୍କା ରହିଥିବାରୁ ଜୋରିମାନା ହ୍ରାସ ଓ ନିୟମ କୋହଳ କରିବାକୁ ସରକାର ଆପାତତଃ ନିଷ୍ପତ୍ତି ନେଇଛନ୍ତି।

## ଦୋଷୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ପୁରୀ: ଶ୍ରୀମନ୍ଦିର ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ନେଇ ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ସେ କହିଛନ୍ତି ପ୍ରୋଟୋକଲରେ ଶ୍ରୀମନ୍ଦିର ଆସୁଥିବା ଅତିଥିଙ୍କ ପାଇଁ ଏସ୍‌ଓପି ପ୍ରସ୍ତୁତ ହୋଇଛି। ପ୍ରୋଟୋକଲ ଦାୟିତ୍ୱରେ କେବଳ ଶ୍ରୀମନ୍ଦିର ପ୍ରଶାସନ ରହିବେ। ଶ୍ରୀମନ୍ଦିର ପରିସରରେ ମୋବାଇଲ୍ କଟକଣାକୁ ଆହୁରି କଡ଼ା କରାଯିବ। ନୀତିକାନ୍ତି ସମ୍ବନ୍ଧୀୟ ଯେଉଁମାନଙ୍କର କାମ ଥିବ, କେବଳ ସେମାନଙ୍କୁ ଅନୁମତି ଦିଆଯିବ। କାଲିର ବିବାଦକୁ ନେଇ କ୍ଷମାପ୍ରାର୍ଥନା କରିବା ସହ



ସମନ୍ୱୟ ଅଭାବ ଯୋଗୁଁ ଏଭଳି ଘଟିଛି ବୋଲି କହିଛନ୍ତି। ସିସିଟିଭି ଫୁଟେଜ୍ ଆଧାରରେ ଯିଏ ବି ଦୋଷୀ କାର୍ଯ୍ୟାନୁଷ୍ଠାନ ହେବ। ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ ଗତକାଲି ନବବର୍ଷର ପ୍ରଥମ ରବିବାରରେ ପ୍ରୋଟୋକଲ ଦର୍ଶନକୁ ନେଇ ଶ୍ରୀମନ୍ଦିର କମାଣ୍ଡର ଏବଂ ସ୍ୱତନ୍ତ୍ର ସୁରକ୍ଷା କର୍ମୀ ମୁହାଁମୁହିଁ ହୋଇଥିଲେ। ଶ୍ରୀମନ୍ଦିର ସାତ ପାହାଚ ପୂର୍ବରୁ କୀର୍ତ୍ତନ ଚକଡାରେ ଶ୍ରୀମନ୍ଦିର କମାଣ୍ଡର ଏବଂ ସୁରକ୍ଷାକର୍ମୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ବ୍ୟାରିକେଡରେ ସୁରକ୍ଷାକର୍ମୀଙ୍କ ପ୍ରୋଟୋକଲ ଦର୍ଶନକୁ ଶ୍ରୀମନ୍ଦିର କମାଣ୍ଡର ସୁଧାଂଶୁ ପଟ୍ଟନାୟକ ବିରୋଧ କରିଥିଲେ। ଏ ନେଇ ଶ୍ରୀମନ୍ଦିର ଭିତରେ ଠେଲାପେଲା ପରିସ୍ଥିତି ଉପୁଜିଥିଲା। ମନ୍ଦିର କମାଣ୍ଡରଙ୍କୁ ସ୍ୱତନ୍ତ୍ର ସୁରକ୍ଷାକର୍ମୀ ଧକ୍କା ମାରିବା ସହ ଗାଳିମନ୍ଦ କରିଥିଲେ। ଏଥିପାଇଁ ସାତପାହାଚ ଧାଡି ଦର୍ଶନ ସକାଳଧୂପ ପରେ ପ୍ରାୟ ୩୦ ମିନିଟ୍ ପାଇଁ ବନ୍ଦ ରହିଥିଲା। ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ଷମାପ୍ରାର୍ଥନା କରିବା ସହ ସମନ୍ୱୟ ଅଭାବ ଯୋଗୁଁ ଏଭଳି ଘଟିଛି ବୋଲି କହିଛନ୍ତି। ଏବଂ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ବିଲ୍ଡର ଅଫିସ୍‌ରେ ବାପପୁଅଙ୍କ ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର: ଜମିବିକା ବାବଦ ବାକି ଟଙ୍କା ପାଇଲେନି ବୋଲି ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଥିବା ବିଲ୍ଡର ଅଫିସ୍‌ରେ ପଶି ବାପପୁଅ ଉଦ୍ୟମ କରିଛନ୍ତି। ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ବାପୁପୁଅ । ଲକ୍ଷ୍ମୀସାଗର ଥାନା ପୁଲିସ ବାପପୁଅଙ୍କୁ ଘରୋଇ ହସ୍ପିଟାଲ୍‌କୁ ପଠାଇଥିଲା।ଚିକିତ୍ସା ପରେ ବାପପୁଅ ଓ ବିଲ୍ଡରଙ୍କୁ ଥାନାକୁ ଆଣି ଜେରା ପରେ ଛାଡ଼ିଛି।

ସୂଚନା ମୁତାବକ, ଗତ ୨୦୧୩ ମସିହାରେ ସୁନ୍ଦରପଦା ଅଞ୍ଚଳର ରତିକାନ୍ତ ପ୍ରଧାନ ସଗୁନ୍ ବିଲ୍ଡରକୁ ଜମି ବିକ୍ରି କରିଥିଲେ। ତେବେ ୬୦.୫ଲକ୍ଷ ଟଙ୍କାର ଡିଲ୍ ହୋଇଥିବା ବେଳେ ରତିକାନ୍ତ ୫୮ଲକ୍ଷ ଟଙ୍କା ପାଇଥିଲେ। ବାକି ୨ଲକ୍ଷ ଟଙ୍କା ପାଇ ନଥିଲେ। ବହୁଦିନ ଧରି ବିଲ୍ଡର ପବିତ୍ର ମହାପାତ୍ର ଟଙ୍କା ନଦେବାରୁ ଆଜି ଅର୍ଥାତ ସୋମବାର ଅପରାହ୍ନ ୨ଟା ସମୟରେ ରତିକାନ୍ତ ଓ ତାଙ୍କ ପୁଅ ହାତରେ ପେଟ୍ରୋଲ୍ ଓ କୀଟନାଶକ ଧରି ଲକ୍ଷ୍ମୀସାଗର ଅଞ୍ଚଳରେ ଥିବା ପବିତ୍ରଙ୍କ ଅଫିସ୍‌ରେ ପହଞ୍ଚିଥିଲେ । ଜମି ବାବଦକୁ ୯ଲକ୍ଷ ଟଙ୍କା ଦେବାକୁ ଦାବି କରିଥିଲେ। ହେଲେ ସେ ଟଙ୍କା ନଦେବାରୁ ବାପପୁଅ ଦେହରେ ପେଟ୍ରୋଲ୍ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। କିନ୍ତୁ ସେଠାରେ ଥିବା ଅଫିସ୍ କର୍ମଚାରୀମାନେ ବାପପୁଅଙ୍କୁ କାବୁ କରିବା ସହ ପୁଲିସକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଖବରପାଇ ଲକ୍ଷ୍ମୀସାଗର ଥାନା ପୁଲିସ ସେଠାରେ ପହଞ୍ଚି ବାପପୁଅଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିକଟସ୍ଥ ଘରୋଇ ହସ୍ପିଟାଲ୍ ?ରେ ଭର୍ତ୍ତି କରିଥିଲା। ଚିକିତ୍ସା ପରେ ସେମାନଙ୍କୁ ଥାନାକୁ ନେବା ସହ ବିଲ୍ଡରଙ୍କୁ ଥାନାକୁ ଡାକିଥିଲା। ଉଭୟ ପକ୍ଷଙ୍କୁ ଥାନାରେ ପଚରାଉଚରା ପରେ ପୁଲିସ ବୁଝାସୁଝା କରି ଛାଡ଼ିଦେଇଥିବା ଜଣାପଡ଼ିଛି।

## ଜବରଦଖଲର ଭୂସ୍ୱର୍ଗ ରାଜଧାନୀ



ଭୁବନେଶ୍ୱର: ଜବରଦଖଲର ଭୂସ୍ୱର୍ଗ ପାଲଟିଛି ରାଜଧାନୀ। ଯିଏ ଯେଉଁଠି ପାରୁଛି, ସରକାରୀ ଜାଗା ମାଡି ବସୁଛି। ଜବରଦଖଲର ଦିନ କେଇଟା ଭିତରେ ଝାଟିମାଟି ଘର କଂକ୍ରିଟ୍‌ହୋଇଯାଉଛି। ଯେହେତୁ ଜବରଦଖଲ ସହଜ ହୋଇଯାଇଛି, ସ୍ୱଚ୍ଛଳ ବର୍ଗ ବି ଏହା ପଛରେ ଦୌଡିଛନ୍ତି। ଘର କରି ଭଡାରେ ଲଗାଉଛନ୍ତି। ଚଳିତବର୍ଷର ଜବରଦଖଲ ଉଚ୍ଛେଦରୁ ଏହା ସ୍ପଷ୍ଟ ହୋଇଛି। ଏକଥା ସତ ଯେ ରାଜ୍ୟରେ ନୂଆ ବିଜେପି ସରକାର ଆସିବା ପରେ ସାରା ରାଜ୍ୟରୁ ଏଭଳି ଜବରଦଖଲ ଉଚ୍ଛେଦକୁ ଜୋରଦାର କରାଯାଇଛି। ରାଜଧାନୀ ଭୁବନେଶ୍ୱରରେ ସର୍ବାଧିକ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଗତ ୨୦ ବର୍ଷ ଭିତରେ ରାଜଧାନୀରେ ସର୍ବାଧିକ ଜବରଦଖଲ ହୋଇଛି ଏବଂ ସେହି ଅନୁସାରେ ମାଳମାଳ ବସ୍ତି ବି ଗଢ଼ିଉଠିଛି। ୨୦୨୩ ଗଣନା ଅନୁସାରେ ରାଜଧାନୀରେ ୪୩୬ଟି ବସ୍ତି ଥିଲା, ଏବେ ସଂଖ୍ୟା ୫୦୦ ଡେଇଁଗଲାଣି। ୪୩୬ରୁ ସ୍ୱୀକୃତିପ୍ରାପ୍ତ ବସ୍ତିସଂଖ୍ୟା ମାତ୍ର ୧୧୬, ବାକି ୩୨୦ ବସ୍ତି ଅଣସ୍ୱୀକୃତିପ୍ରାପ୍ତ। ଯେହେତୁ ବସ୍ତିବାସିନ୍ଦା ଉଚ୍ଛେଦ ପରେ ସରକାରୀ ଆବାସ ପାଉଛନ୍ତି, ଏହାର ସୁଯୋଗ ନେଇ ସ୍ୱଚ୍ଛଳବର୍ଗ ବି ବସ୍ତିବାସିନ୍ଦା ପରିଚୟରେ ଆବାସ ହାତେଇବା ଅଭ୍ୟାସରେ ପରିଣତ ହୋଇଗଲାଣି। ତେବେ ଏତେ ବର୍ଷ ଧରି ଏଭଳି ଜବରଦଖଲକୁ କିଏ ବଳ ଦେଉଥିଲା ? କାହା ଇଙ୍ଗିତରେ ସରକାରୀ ଜାଗାକୁ ଜବରଦଖଲ ପାଇଁ ପ୍ରୋତ୍ସାହନ ମିଳୁଥିଲା ରାଜଧାନୀ ଭୁବନେଶ୍ୱରରୁ ଜବରଦଖଲ ଉଚ୍ଛେଦ ପାଇଁ ୨୦୧୪ ମସିହାରୁ ଗଠିତ କେନ୍ଦ୍ରୀୟ ଏନ୍‌ଫୋର୍ସମେଣ୍ଟ ମନିଟରିଂ କମିଟି ଏବଂ ଏହା ଅଧୀନ ୬ ସ୍ୱତନ୍ତ୍ର ସ୍କ୍ୱାଡ୍‌କରୁଥିଲେ କ'ଣ ?

ଚଳିତବର୍ଷ ବିଧାନସଭାରେ ବି ଏହି ପ୍ରସଙ୍ଗ ଉଠିଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜବରଦଖଲ କଥାକୁ ସ୍ୱୀକାର କରି କହିଥିଲେ, ରାଜଧାନୀ ଭୁବନେଶ୍ୱରରେ ସାଧାରଣ ପ୍ରଶାସନ ବିଭାଗର ୨୪ହଜାର ୯୯୦ ଏକର ସରକାରୀ ଜମି ରହିଛି, ଯେଉଁଥିରୁ ୫୦୦.୧୫୬ ଏକର ଜମି ଜବରଦଖଲରେ ରହିଛି। ଭୁବନେଶ୍ୱର ମହାନଗର ନିଗମର ୫୭ଟି ମୌଜାରେ ଏଭଳି ଜବରଦଖଲ ହୋଇଛି ଏବଂ ଏ ନେଇ ୧୧ହଜାର ୬ଟି ଜବରଦଖଲ ମାମଲା ରୁଜୁହୋଇଛି। ଜୟଦେବବିହାର, ନୟାପଲ୍ଲୀ ନୀଳକଣ୍ଠନଗର, ବରମୁଣ୍ଡା, ଭୀମପୁର, କପିଳପ୍ରସାଦ, ବିଜେବିନଗର, ଗୋବିନ୍ଦପ୍ରସାଦ, ଗାଡକଣ, ଚନ୍ଦ୍ରଶେଖରପୁର, ପଟିଆ, ଡୁମୁଡୁମା ମୌଜାରେ ବେଶି ଜବରଦଖଲ କରାଯାଇଛି। ସହରର ସବୁଠୁ ଦାମୀ ଅଞ୍ଚଳ କୁହାଯାଉଥିବା ବାପୁଜୀନଗର, ଅଶୋକନଗର, ଖାରବେଳନଗର, ଭୌମନଗର, କେଶରୀନଗର, ଗଙ୍ଗନଗର, ସୂର୍ଯ୍ୟନଗର, ସତ୍ୟନଗର, ସହିଦନଗର, ବମିଖାଲ ବି ଏଥିରୁ ବାଦ୍ ପଡିନି।

## ପୂର୍ବତନ ଦୁଇ ସରପଞ୍ଚ ଦଣ୍ଡିତ

ଝାରସୁଗୁଡ଼ା, (ସ୍ୱ.ପ୍ର): ଲଖନପୁର ଗ୍ରାମ୍ୟ ନ୍ୟାୟାଳୟ ବିଚାରପତି ବ୍ରଜେଶ ମିଶ୍ର ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ସର୍ବସାଧାରଣଙ୍କ କାର୍ଯ୍ୟ ବାଧାପ୍ରାପ୍ତ ମାମଲାରେ ଲଖନପୁର ବ୍ଲକର ଦୁଇଜଣ ପୂର୍ବତନ ସରପଞ୍ଚଙ୍କୁ ଦଣ୍ଡିତ କରିଛନ୍ତି। ଏହାସହ ପ୍ରତ୍ୟେକଙ୍କୁ ୫୦୦ ଟଙ୍କା ଜୋରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ ହେଲେ ୨ ଦିନ ସାଧାରଣ କାରାଦଣ୍ଡ ଓ ଧାରା ୩୫୩/୩୪ ଅନୁଯାୟୀ ୬ ମାସ ସାଧାରଣ କାରାଦଣ୍ଡ ସହ ୧ ହଜାର ଅର୍ଥଦଣ୍ଡ ଦେୟ ଅନାଦେୟ ୫ ଦିନ ସାଧାରଣ କାରାଦଣ୍ଡ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୨୦୧୯ ମସିହା ଡିସେମ୍ବର ମାସ ୧୩ରେ ତତ୍କାଳୀନ ଚାରପାଲି ସରପଞ୍ଚ ଅଭିଯୁକ୍ତ ପ୍ରଦୀପ କୁମାର ବିଶ୍ୱାଳ ବ୍ଲକର ଦୁଇ ଜଣ ପୂର୍ବତନ ସରପଞ୍ଚଙ୍କୁ ତତ୍କାଳୀନ ଭଇଁରଖୋଲ ସରପଞ୍ଚ ଅଶ୍ୱିନୀ କୁମାର ପ୍ରଧାନ ମିଶି ଲଖନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପ୍ରବେଶ କରି କର୍ମଚାରୀ ମାନଙ୍କୁ ବଳ ପୂର୍ବକ ବାହାର କରିଥିଲେ।

## କିମସରେ ଏଏପିଆଇ ଗ୍ଲୋବାଲ୍ ହେଲଥକେୟାର ସମିଟ୍ ଉଦ୍‌ଘାଟିତ




ଭୁବନେଶ୍ୱର : ଆମେରିକାନ ଆସୋସିଏସନ ଅଫ ଇଣ୍ଡିଆନ ଅରିଜିନ (ଭାରତୀୟ ବଂଶୋଦ୍ଭବ ଚିକିତ୍ସକ ସଂଘ- ଏଏପିଆଇ) ପକ୍ଷରୁ କିମ୍‌ସରେ ୧୯ତମ ଗ୍ଲୋବାଲ୍ ହେଲଥ୍‌କେୟାର ସମିଟ୍ ୨୦୨୬ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଜାନୁଆରୀ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ସମ୍ମିଳନୀରେ ଭାରତ ଓ ଆମେରିକାର ୧୧୦ରୁ ଊର୍ଦ୍ଧ୍ୱ ପ୍ରଖ୍ୟାତ ଡାକ୍ତର, ଗବେଷକ, ସ୍ୱାସ୍ଥ୍ୟ ବିଶେଷଜ୍ଞ, ନବସର୍ଜନାକାରୀମାନେ ଯୋଗ ଦେଇଛନ୍ତି। ପ୍ରଥମ ଥର ପାଇଁ ଓଡିଶାର କିମ୍‌ସରେ ଏଭଳି ସମ୍ମିଳନୀ ଆୟୋଜିତ ହୋଇଛି।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ ପି ନଡ୍ଡା ଆଭାସୀ ମାଧ୍ୟମରେ ଯୋଗଦେଇ କହିଲେ, ଅନ୍ତର୍ଜାତୀୟ ଚିକିତ୍ସା ସହଯୋଗ ଓ ଜ୍ଞାନ ବିନିମୟକୁ ଆଗକୁ ବାଢ଼ିବା ଏଭଳି ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ। ଭାରତୀୟ ବଂଶୋଦ୍ଭବ ଡାକ୍ତରମାନେ ଆମେରିକାରେ ଆଧୁନିକ ସ୍ୱାସ୍ଥ୍ୟସେବା ସଂଗଠନ କରିବା ସହିତ ଦୟା, ଶୃଙ୍ଖଳା ଏବଂ ବୃତ୍ତିଗତ ଉତ୍କର୍ଷତା ମାଧ୍ୟମରେ ଗଭୀର ଓ ସ୍ଥାୟୀ ବିଶ୍ୱ ପ୍ରଭାବ ସୃଷ୍ଟି କରିପାରିଛନ୍ତି।

କାର୍ଯ୍ୟକ୍ରମରେ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ କହିଲେ, ଡାକ୍ତରମାନଙ୍କ ଏଭଳି ବିଶ୍ୱସ୍ତରୀୟ ସମାବେଶ ଓଡିଶା ପାଇଁ ଏକ ଗର୍ବର ମୁହୂର୍ତ୍ତ। ଏଏପିଆଇ ଉପରେ ଗୁରୁତ୍ୱାରୋପ କରି ସେ କହିଲେ, ଏଏପିଆଇ ଆମେରିକାରେ କାର୍ଯ୍ୟ କରୁଥିବା ଏକ ଲକ୍ଷରୁ ଅଧିକ ଭାରତୀୟ ବଂଶୋଦ୍ଭବ ଡାକ୍ତରଙ୍କୁ ପ୍ରତିନିଧିତ୍ୱ କରୁଛି। ଏହା ବ୍ୟତୀତ ସେ ନିରନ୍ତର ଶୈକ୍ଷିକ ସହଯୋଗ, ଗବେଷଣା, ଜ୍ଞାନ ବିନିମୟ ଓ ଦକ୍ଷତା ନିର୍ମାଣ ମାଧ୍ୟମରେ ଭାରତ ଓ ଆମେରିକା ମଧ୍ୟରେ ଏକ ଏଏପିଆଇର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହୁଥିଲେ। ଏହି ଅବସରରେ ଶ୍ରୀ ସାମନ୍ତଙ୍କୁ ଏଏପିଆଇ ପକ୍ଷରୁ ସମ୍ମାନିତ କରାଯାଇଥିଲା।

ଏଏପିଆଇ ସଭାପତି ତଥା ଏଏପିଆଇ ଜିଏଚ୍‌ଏସ୍ ଅଧ୍ୟକ୍ଷ ଡା ଅମିତ ଚକ୍ରବର୍ତ୍ତୀ କହିଲେ, ଏଏପିଆଇ ହେଉଛି ଆମେରିକାର ଦ୍ୱିତୀୟ ସର୍ବବୃହତ ଚିକିତ୍ସା ସଂଗଠନ। ଏଥିରେ ଯେ ପ୍ରାୟ ୧୧୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଏହି ସମ୍ମିଳନୀ ପାଇଁ ପଞ୍ଜିକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ଅନେକ ପ୍ରଥମ ଥର ପାଇଁ ଓଡିଶା ଆସିଥିଲେ। କିମ୍‌ସରେ ଏହି ସମ୍ମିଳନୀ ଆୟୋଜନ କରିବା ଦ୍ୱାରା କିଟ୍ ଓ କିମ୍‌ସର ବିଶ୍ୱସ୍ତରୀୟ ଶିକ୍ଷାଗତ ଓ ସ୍ୱାସ୍ଥ୍ୟସେବା ଇକୋସିଷ୍ଟମକୁ ପରିଦର୍ଶନ କରିବା ସହ ପ୍ରତିନିଧିମାନଙ୍କୁ ଓଡିଶାର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟ ବିଷୟରେ ଅଭିଜ୍ଞତା ମିଳିଥିଲା।

ସମ୍ମିଳନୀ ଉପରେ ଆଲୋକପାତ କରି ଓଡିଶା ଫିଜିସିଆନ୍‌ସ ଅଫ୍ ଆମେରିକାର ସଭାପତି ଡା ଅତଶୁ ନାୟକ କହିଲେ, ଏହି ସମ୍ମିଳନରେ ଆଧୁନିକ ଚିକିତ୍ସା ପଦ୍ଧତି, ରୋଗ ନିବାରଣ, ମଧୁମେହ ଓ ମେଟାବୋଲିଜିମ୍ ବିଷୟରେ ଆଲୋଚନା କରିବା ପାଇଁ ପ୍ରମୁଖ ଡାକ୍ତରମାନଙ୍କୁ ଏକତ୍ରିତ କରିଛି। ଆମେରିକାରେ ପ୍ରବାସୀ ଭାରତୀୟଙ୍କ ଘର ହୋଇଥିଲେ ମଧ୍ୟ ଓଡିଶା ସେମାନଙ୍କର ମାତୃଭୂମି। ସେମାନେ ଓଡିଶାକୁ କେବେ ବି ଛାଡି ପାରିବେ ନାହିଁ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ଡା ସିବିକେ ମହାନ୍ତି, କିମ୍‌ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ଡା. ଆର ସି ଦାସ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ କିମ୍‌ସ ମହାନିର୍ଦ୍ଦେଶକ ଡା ଅଜିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ତିନିଦିନ ବ୍ୟାପୀ ହେଉଥିବା ଏହି ସମ୍ମିଳନୀରେ ଅତ୍ୟାଧୁନିକ ନିରନ୍ତର ଚିକିତ୍ସା ଶିକ୍ଷା (ସିଏମଇ) ଅଧିବେଶନ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ)- ଚାଳିତ କ୍ଲିନିକାଲ୍ ଇନ୍‌ସାଇଟ୍, ଉନ୍ନତ ଶଲ୍ୟଚିକିତ୍ସା ପ୍ରଦର୍ଶନ, କର୍ମଶାଳା, ଜନସ୍ୱାସ୍ଥ୍ୟ ପଦକ୍ଷେପ ଆଦି ଉପରେ ଆଲୋଚନା ଜାରି ରହିଛି।

## ଆମ ବସ୍ କର୍ମଚାରୀଙ୍କ ପାଇଁ ସରକାରଙ୍କ କଠୋର ଆଭିମୁଖ୍ୟ



ଭୁବନେଶ୍ୱର: ରାଜ୍ୟରେ ସଡ଼କ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ 'ଆମ ବସ' ଅପରେଟରମାନଙ୍କର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବସ ଚଳାଚଳରେ ଶୃଙ୍ଖଳା ରକ୍ଷା, ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଏବଂ ଯାତ୍ରୀମାନଙ୍କୁ ନିରାପଦ ସେବା ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରାଯାଇଛି।

ପ୍ରମୁଖ ଶାସନ ସଚିବ 'ସୁରକ୍ଷା ପ୍ରଥମ' ନୀତି ଉପରେ ଗୁରୁତ୍ୱ ଦେଇ କହିଛନ୍ତି ଯେ, ଯାତ୍ରୀମାନଙ୍କ ନିରାପତ୍ତା ସହ କୌଣସି ପ୍ରକାର ବୁଝାମଣା କରାଯିବ ନାହିଁ। ୨୦୨୫ ବର୍ଷର ଦୁର୍ଘଟଣା ତଥ୍ୟ ଅନୁଧ୍ୟାନ କରି ସେ କହିଛନ୍ତି ଯେ, ଯେଉଁ କ୍ଷେତ୍ରରେ ଡ୍ରାଇଭରଙ୍କ ଅବହେଳା ପରିଲକ୍ଷିତ ହୋଇଛି, ସେମାନଙ୍କ ବିରୋଧରେ ଚାକିରିରୁ ବହିଷ୍କାର ଓ ଲାଇସେନ୍ସ ରଦ୍ଦ ଭଳି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ ବସଗୁଡ଼ିକରେ 'ଆଡଭାନ୍ସଡ୍ ଡ୍ରାଇଭର ଆସିଷ୍ଟାନ୍ସ ସିଷ୍ଟମ' ଏବଂ 'ଡ୍ରାଇଭର ଫାଟିଗ୍ ମନିଟରିଂ ସିଷ୍ଟମ' ସ୍ଥାପନ କରାଯିବ। ଏହାଦ୍ୱାରା ଡ୍ରାଇଭରଙ୍କ ଗାଡ଼ି ଚଳାଇବା ଶୈଳୀ ଓ ସଚେତନତା ଉପରେ ପ୍ରତ୍ୟକ୍ଷ ନଜର ରଖାଯାଇ ଦୁର୍ଘଟଣାକୁ ରୋକାଯାଇପାରିବ। ଏଥିସହ ପ୍ରତିଦିନ ବସ୍ ଚାଳକ ଓ କର୍ମଚାରୀଙ୍କ ମଦ୍ୟପାନ ପରୀକ୍ଷା କରାଯାଉଛି ଏବଂ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଆପଣାଯାଉଛି। ପ୍ରମୁଖ ଶାସନ ସଚିବ ଅପରେଟରମାନଙ୍କୁ ଟ୍ରାଫିକ ନିୟମ, ଲେନ୍ ଅନୁଶାସନ ଏବଂ ଗତି ସୀମା କଡ଼ାକଡ଼ି ପାଳନ କରିବା ସହିତ ଡ୍ରାଇଭରମାନଙ୍କ କ୍ଳାନ୍ତିଜନିତ ବିପଦକୁ ଏଡାଇବା ପାଇଁ ନିୟନ୍ତ୍ରିତ କାର୍ଯ୍ୟ ସମୟ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ମଧ୍ୟ ଦୋହରାଇଛନ୍ତି ଯେ ନୂତନ ଭାବେ ନିଯୁକ୍ତ ଡ୍ରାଇଭରମାନଙ୍କୁ କେବଳ ବାଧ୍ୟତାମୂଳକ ତାଲିମ ଏବଂ ରୁଟ୍ ପରିଚିତି ପରେ ହିଁ ନିୟୋଜିତ କରାଯିବ। ଏଥିସହ ପ୍ରତିରକ୍ଷାମୂଳକ ଚାଳନା ବୈଦ୍ୟୁତିକ ବସ୍ କାର୍ଯ୍ୟକ୍ଷମତା, ପ୍ରାଥମିକ ଚିକିତ୍ସା ଏବଂ ଜରୁରୀକାଳୀନ ପରିସ୍ଥିତିର ମୋକାବିଲା ପାଇଁ ନିରନ୍ତର ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଜାରି ରଖିବାକୁ ସେ କହିଛନ୍ତି। ନୂତନ ଭାବେ ନିଯୁକ୍ତ ଡ୍ରାଇଭରମାନଙ୍କୁ ତାଲିମ ଏବଂ ରୁଟ୍ ସମ୍ପର୍କରେ ଜ୍ଞାନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ସମ୍ପାଦକୀୟ

## ଲୋକପ୍ରିୟତା ଓ ସାମାଜିକ ଗଣମାଧ୍ୟମ

ଜନତାଙ୍କ ପ୍ରିୟଭାଜନ (ଅନ୍ୟ ଭାଷାରେ କହିଲେ 'ପବଲିକରେ ପପୁଲାର') ହେବା ପାଇଁ ଏବେ ଆବାଳବୃଦ୍ଧବନିତା ନିର୍ବିଶେଷରେ ବହୁ ଲୋକଙ୍କ ଆଗ୍ରହ। ଜନପ୍ରିୟ ହେବାର ଇଚ୍ଛା ଯେ ବର୍ତ୍ତମାନ ସମୟରୁ ମଣିଷ ମନରେ ଜାଗ୍ରତ ହେଲା ତାହା ନୁହେଁ। ମାନବ ସଭ୍ୟତାର ଆରମ୍ଭରୁ, ଏ ଇଚ୍ଛା ମଣିଷଠାରେ ରହିଛି। ଏହା ବିବର୍ତ୍ତନର ଏକ ଅଙ୍ଗ। ବିବର୍ତ୍ତନ ମନସ୍ତତ୍ତ୍ୱ କହେ ଲୋକପ୍ରିୟତା ଖୋଜିବା ପରି ବ୍ୟବହାର ଥିଲା ଲାଭଜନକ। କାରଣ ଏହା ଦ୍ୱାରା ପ୍ରଜନନ ପାଇଁ ସାଥୀ ଖୋଜି ପାଇବା, କୌଣସି କାମ ପାଇଁ ସହଯୋଗ ପାଇବା, ସହଜ ହୁଏ। ଅନ୍ୟାନ୍ୟ କେତେକ ବୈଜ୍ଞାନିକ ସିଦ୍ଧାନ୍ତ ମଧ୍ୟ ସମାନ କଥା କହେ। ଆବ୍ରାହମ୍ ମାସ୍‌ଲୋ(୧୯୦୮-୧୯୭୦)ଙ୍କ ଆବଶ୍ୟକତାର କ୍ରମୋଚ୍ଚ ବ୍ୟବସ୍ଥା ସିଦ୍ଧାନ୍ତରେ ସାମାଜିକ ପ୍ରୟୋଜନ, ଯେପରିକି ସ୍ନେହ ଓ ସମ୍ମାନ, ସ୍ୱାଭିମାନ ମଝାମଝି ଜାଗାରେ ରହିଛି। ଲୋକପ୍ରିୟତା ଅର୍ଜନ ସାମାଜିକ ପ୍ରୟୋଜନର ଏକ ଅଙ୍ଗ। ବିକାଶମୂଳକ ମନୋବିଜ୍ଞାନ କହେ ଯେ ଲୋକପ୍ରିୟତା ଖୋଜିବା ପରି ବ୍ୟବହାରଗୁଡ଼ିକ ଲାଭଜନକ, କାରଣ ସେଗୁଡ଼ିକ ସହଯୋଗ, ସମ୍ପଦ ଏବଂ ସଙ୍ଗ ପାଇବାର ସୁଯୋଗକୁ ବଢ଼ାଏ- ଯାହା ଆମର ପ୍ରାଚୀନ ପୂର୍ବଜମାନଙ୍କ ପାଇଁ ଅତ୍ୟାବଶ୍ୟକ ଥିଲା।

ସାମାଜିକ ଗଣମାଧ୍ୟମ (ସୋସିଆଲ ମେଡିଆ) ସହଜଲଭ୍ୟ ଓ ସୁଲଭ ହୋଇଯିବା ପରେ ଲୋକମାନଙ୍କ ଠାରେ ଏ ଆଗ୍ରହ ବଢ଼ିଛି ଏବଂ କ୍ରମାଗତ ଭାବେ ବଢୁଛି। କାରଣ: ସାମାଜିକ ଗଣମାଧ୍ୟମ ଜରିଆରେ ଜଣେ ନିଜକୁ ସହଜରେ, କମ୍ ଖର୍ଚ୍ଚରେ, କମ୍ ସମୟରେ, ଅଧିକ ଲୋକଙ୍କ ପାଖରେ ପହଞ୍ଚାଇ ପାରୁଛି। ମୋବାଇଲ ଫୋନର କ୍ୟାମେରା ଅନ କରି ଇଣ୍ଟରନେଟରେ ସଂଯୁକ୍ତ ହୋଇ 'ହେଲୋ ଭିୟୁର୍ସ' ବୋଲି କହିବା ଆରମ୍ଭ କଲା ମାତ୍ରେ ବେଶ୍ କିଛି ଲୋକ ତାକୁ ଦେଖିବା ପାଇଁ ଲାଗନ୍ତି। 'ଲାଇକ୍ କରନ୍ତୁ, ସେୟାର କରନ୍ତୁ' ବୋଲି କହିଲା ମାତ୍ରେ ସେମାନେ ସଙ୍ଗେସଙ୍ଗେ ଲାଇକର ବର୍ଷା କରିପକାନ୍ତି। ଯେତେ ଆବୁରୁ ଜାବୁରୁ କଥା, ଅସ୍ୱାଭାବିକ ଦୃଶ୍ୟ- ସେତେ ଅଧିକ ଦର୍ଶକ। ଦର୍ଶକ ସଂଖ୍ୟା ଅଧିକ ହେଲେ ପ୍ରଦର୍ଶିତ ହେଉଥିବା ମାଧ୍ୟମରୁ ଅର୍ଥ ଉପାର୍ଜନର ବ୍ୟବସ୍ଥା ଅଛି। ଏ ଦୁଇଟି କାରଣ ଯୋଗୁଁ ଜଣେ ଯାହା ତାକୁ ଲାଗେ ଲୋକେ ଦେଖିବେ, ସେ ଦେଖେଇ ଚାଲେ। ତାହା ଦେଖେଇବା ଉପଯୋଗୀ କି ନାହିଁ, ଦେଖେଇଲେ ତାଙ୍କର ବ୍ୟକ୍ତିଗତ ଓ ସାମାଜିକ ଜୀବନ ଏବଂ ସାମଗ୍ରିକ ଭାବେ ସମାଜ ଉପରେ କ'ଣ ପ୍ରଭାବ ପଡ଼ିବ – ସେ ବୋଧ ଆଉ ତା'ଠାରେ ରହେ ନାହିଁ। ମଝି ରାତିରେ ସ୍ୱାମୀ ସ୍ତ୍ରୀ ଶୋଇଛନ୍ତି। ସ୍ୱାମୀଙ୍କୁ ନିଦ ଲାଗୁନି। ଉଠି ଦେଖେ ଯେ ସ୍ତ୍ରୀ ଶୋଇଛନ୍ତି ଆଉ ବିଚିତ୍ର ସ୍ୱରରେ ଘୁଙ୍ଗୁଡ଼ି ମାରୁଛନ୍ତି। ସ୍ୱାମୀ ଉଠି କ୍ୟାମେରା ମୋବାଇଲ୍ ଅନ କରିଦେଲେ। ଘୁଙ୍ଗୁଡ଼ି ମାରୁଥିବା ଘୁମନ୍ତ ସ୍ତ୍ରୀଙ୍କୁ ଦେଖେଇ ଫେସବୁକ୍‌ରେ ଲାଇଭ୍ ଆରମ୍ଭ କରିଦେଲେ: ଦେଖନ୍ତୁ ବନ୍ଧୁମାନେ ମୋ ସ୍ତ୍ରୀ କେମିତି ଘୁଙ୍ଗୁଡ଼ି ମାରୁଛନ୍ତି। ଏମିତି ଘୁଙ୍ଗୁଡ଼ି ମାରୁଥିବା ସ୍ତ୍ରୀଙ୍କ ସାଙ୍ଗରେ ମୁଁ ଶୋଇବି କେମିତି ? କମେଣ୍ଟ ବକ୍ସରେ ମୋତେ ପରାମର୍ଶ ଦିଅନ୍ତୁ।

ଅନେକେ କମେଣ୍ଟ କରନ୍ତି, ଅଜସ୍ର ଲାଇକ୍ ଆସେ। ବେଶ୍ ମଜାଳିଆ କମେଣ୍ଟରେ ଭର୍ତ୍ତି ହୋଇଯାଏ ସାମାଜିକ ଗଣମାଧ୍ୟମ। ଘୁମନ୍ତ ସ୍ତ୍ରୀର ମୁହଁ, ଚେହେରା ଏ କ୍ଷେତ୍ରରେ ଏକ ଚମତ୍କାର ବିନିଯୋଗ। ଆଉ ଏମିତି ଫମ୍ପା ମନୋରଞ୍ଜନର ନିଶାରେ ବେଶ୍ କିଛି ଲୋକ ଯାହା ଦେଖିଲେ ବି ଆନନ୍ଦରେ ଉଦ୍‌ବାହୁ ହୋଇ ସମର୍ଥନ ଦେଇ ଚାଲନ୍ତି। ଏମିତି ସମର୍ଥନ ପାଇଲେ ଭୁଲ୍-ଠିକ୍‌ର ବ୍ୟବଧାନ ପୋଛିହୋଇଯାଏ। ସେତେବେଳେ ଯେ କୌଣସି ମଣିଷ ନିର୍ବିଘ୍ନରେ ଭାବିନେଇପାରେ ଯେ ମୁଁ ଆଉ ସାଧାରଣ ନୁହଁ। ମୁଁ ଅସାଧାରଣ, କାରଣ ମୁଁ ଯାହା କହୁଛି ଲୋକେ ତାକୁ ଦେଖୁଛନ୍ତି, ଶୁଣୁଛନ୍ତି, ଆଉ ପସନ୍ଦ କରୁଛନ୍ତି। ଅସାଧାରଣ ହେବାଟା ଯେତେବେଳେ ଏତେ ସହଜ ବୋଲି ମନେହୁଏ ସେତେବେଳେ ଲାଗେ ଯେ ପୃଥିବୀ ବି ବିରାଟ କିଛି ନୁହଁ।

ଏପରି ପ୍ରଚାରିତ ହେବାକୁ ଭଲ ଲାଗେ। ତା' ସହିତ ଯଦି କିଛି ଅର୍ଥ ବି ଆସିଲା, ତେବେ ତ ସୁନା ହିଁ ସୁନା। ହେଲେ ଏମିତି ବିବେଚନାହୀନ ମନୋରଞ୍ଜନ ଫଳରେ ସମାଜଜୀବନରେ ଯେ ଭୟାବହ କ୍ଷତି ହୋଇଯାଉଛି ଏ କଥାଟା ଆଉ ମନେ ରହେନାହିଁ। 'ବର୍ତ୍ତମାନ' ଯଦି ନଗଦ ଲାଭ ଦିଏ ତେବେ ଆଗକୁ କ୍ଷତି ହେବାର କଥା, ଆଜିକାଲି କେହି ଭାବିବା ପାଇଁ ଚାହୁଁ ନାହାନ୍ତି। ଆଉ ଏ ଗୋଳିଆ ପାଣିରେ ମାଛ ଶିକାର କରିବାକୁ, ନବ୍ୟ ସଂସ୍କୃତିର ଜାଲରେ ଦେଶର ଅଧିକାଂଶ ମଣିଷକୁ ଫସେଇବା ପାଇଁ ବାଣିଜ୍ୟିକ ସଂସ୍ଥାମାନେ ଉନ୍ମୁଖ ହୋଇ ରହିଛନ୍ତି। ଯେତେବେଳେ ମଣିଷ ଯାହା ଖୁସି ତାହା କରିପାରିବ ସେତେବେଳେ ତା ପାଖରେ ନିଜ ଛଡା ଆଉ କେହି ମୂଲ୍ୟବାନ ହୋଇ ରହିବେ ନାହିଁ। ଲାଇକ୍, ସେୟାରରେ ଫୁଲିଉଠିଥିବା ମନ ଓ ପ୍ରାଣ ନିଜ ଆନନ୍ଦରେ ବିଭୋର ହୋଇଥାଏ। ଦେଶ, ସମାଜ, ମଣିଷ, ମୂଲ୍ୟବୋଧ ଏ ସବୁନେଇ ଭାବନା ସେ ଆନନ୍ଦର କାନ୍ଥ ଭେଦକରି ମନ ଭିତରକୁ ପ୍ରବେଶ କରିପାରେ ନାହିଁ। ବ୍ୟକ୍ତିଗତ ଆନନ୍ଦ, ସମଷ୍ଟି ଭିତରୁ ଆଲୁଅ ଶୋଷି ନେଉଛି, ପ୍ରେମ ଶୋଷି ନେଉଛି। ଶୋଷି ନେଉଛି ଭୁଲ୍ ଠିକ୍ ଜାଣିବାର କ୍ଷମତା। ସଂଧ୍ୟା ହେବା ପୂର୍ବରୁ କେହି କ'ଣ ଜାଣିପାରେ ଯେ ଅନ୍ଧକାର କେତେ ଗାଢ ହେବାପାଇଁ ଯାଉଛି।

ଏ କ୍ଷେତ୍ରରେ ଦୁଇଟି କଥା କରାଯାଇପାରେ। ପ୍ରଥମ: ସାମାଜିକ ଗଣମାଧ୍ୟମ ଉପରେ କିଛି ଅଙ୍କୁଶ ଲଗାଯାଇପାରେ। ଅଙ୍କୁଶ ଲଗାଇବା ସହଜ ଏବଂ ତୁରନ୍ତ କିଛି ଫଳ ଦେଖାଏ। ତେବେ ଅଙ୍କୁଶ ଲଗାଇବାର ସମସ୍ୟା ହେଲା ଏହାର ପ୍ରୟୋଗାତ୍ମକ ଦିଗଟି କ୍ରମଶଃ ବାଛବିଚାରହୀନ ହୋଇଯାଏ। ଏଥିରେ ନ୍ୟସ୍ତସ୍ୱାର୍ଥ ପଶିଆସେ। ଦ୍ୱିତୀୟ ହେଲା ନିଜ ଉପରେ ଅଙ୍କୁଶ। ଏଥିରେ ସମୟ ଲାଗିବ ଅଧିକ। ଫଳ ମିଳିବ ଡେରିରେ; କିନ୍ତୁ ଏହା ସ୍ଥାୟୀ ସମାଧାନ। ଲୋକେ ଦେଖିଲେ, ଜଣେ ଦେଖେଇବ। ଲୋକେ ଯଦି ଦେଖିବା ବନ୍ଦ କରିଦେବେ, ଦେଖେଇବା ଆପେ ଆପେ ବନ୍ଦ ହୋଇଯିବ।

## ଜେକେ ପେପର୍ ଲିମିଟେଡ୍‌ର କ୍ରିକେଟ ଟୁର୍ଣ୍ଣାମେଣ୍ଟ

ରାୟଗଡ଼: ଜେକେ ପେପର୍ ଲିମିଟେଡ୍ ୩ ପ୍ରଡକସନ୍ ୟୁନିଟ୍, ଜେକେ ପେପର୍ ମିଲ୍ସ, ଜେକେପୁର, ସେଣ୍ଟ୍ରାଲ ପଲ୍ପ ମିଲ୍ସ, ସୋନଗଡ଼, ଶିରିପୁର ପେପର୍ ମିଲ୍ସ, କାଗଜ ନଗର ଓ ମୁଖ୍ୟ କାର୍ଯ୍ୟାଳୟ ଦିଲ୍ଲୀ, ମଧ୍ୟରେ ୟୁନିଟ୍ ସ୍ତରୀୟ ଟି ୨୦ କ୍ରିକେଟ ଲିଗ୍ ଟୁର୍ଣ୍ଣାମେଣ୍ଟ ଉଦ୍ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଟି ୦୮.୦୧.୨୦୨୬ ରୁ ଆରମ୍ଭ ହୋଇ ୧୧.୦୧.୨୦୨୬ ପର୍ଯ୍ୟନ୍ତ ଖେଳାଯିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜେକେ ପେପର୍ ମିଲ୍ସ ର ମୁଖ୍ୟ ବିନୟ ଦ୍ୱିବେଦୀ, କାର୍ଯ୍ୟନିର୍ବାହୀ ଉପସଭାପତି (କାର୍ମିକ) ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟ କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଥିଲେ।

ପ୍ରଥମ ଉଦଘାଟନୀ ମ୍ୟାଚ୍ ଶିରିପୁର ପେପର୍ ମିଲ୍ସ, କାଗଜ ନଗର ଓ ଜେକେ ପେପର୍ ମିଲ୍ସ, ଜେକେପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜେ କେ ପେପର୍ ମିଲ୍ସ ଟିମ୍ ଟସ ଜିଣି ୨୦ ଓଭର ରେ ୬ ୱିକେଟ୍ ହରାଇ ୧୮୪ ରନ୍ ସଂଗ୍ରହ କରିଥିବା ବେଳେ ଶିରିପୁର ଟିମ୍ ସମସ୍ତ ୱିକେଟ ହରାଇ ୧୯.୧ ଓଭର ରେ ୭୬ ସଂଗ୍ରହ କରି ଥିଲେ।

# ମାଓ ସମସ୍ୟା ଓ ଆଦିବାସୀ ଶିଶୁ

ଦେବେନ୍ଦ୍ର କୁମାର ବିଶ୍ୱାଳ

ଏକଦା ଭାରତର ସର୍ବ ବୃହତ୍ ଆଭ୍ୟନ୍ତରୀଣ ସୁରକ୍ଷା ବିପଦ ବୋଲି କୁହାଯାଉଥିବା ମାଓବାଦୀ ଆନ୍ଦୋଳନ ୨୦୧୦ ମସିହାରେ ବିଭିନ୍ନ ରାଜ୍ୟ, ମୁଖ୍ୟତଃ ଆନ୍ଧ୍ରପ୍ରଦେଶ, ବିହାର, ଛତିଶଗଡ଼, ପଶ୍ଚିମବଙ୍ଗ, ତେଲଙ୍ଗାନା, ଓଡ଼ିଶା ଏବଂ ମହାରାଷ୍ଟ୍ର ରାଜ୍ୟର ପ୍ରାୟ ଦୁଇଶହ ଜିଲାରେ ସକ୍ରିୟଥିଲା। ୨୦୨୪ ମସିହା ପରେ କେନ୍ଦ୍ର ଏବଂ ରାଜ୍ୟ ସରକାରମାନଙ୍କର କଠୋର ନୀତି ବିଶେଷତଃ ତିନି-ପ୍ରବୃତ୍ତ ରଣନୀତିର ମିଶ୍ରଣ- ସୁରକ୍ଷା, ବିକାଶ ଏବଂ ପୁନର୍ବାସ ଯୋଗୁଁ ବର୍ତ୍ତମାନ ୧୧ଟି ଜିଲାରେ ସୀମିତ ହେବା ସହିତ କେବଳ ତିନିଟି ଜିଲାରେ ସକ୍ରିୟ ଅଛି। ଗୃହମନ୍ତ୍ରୀ ଅମିତ ଶାହା ନିକଟରେ ଘୋଷଣା କରିଛନ୍ତି ଯେ ୨୦୨୬ ମସିହା ମାର୍ଚ୍ଚ ମାସ ସୁଦ୍ଧା ଭାରତ ମାଓ ଉଗ୍ରବାଦରୁ ସମ୍ପୂର୍ଣ୍ଣ ରୂପେ ମୁକ୍ତହେବ ଏବଂ ବର୍ତ୍ତମାନଠାରୁ ମାଓବାଦୀଙ୍କ ଦ୍ୱାରା ପୁଲିସ ସୂଚନାକାରୀ ସନ୍ଦେହରେ ସାଧାରଣ ନାଗରିକଙ୍କ ହତ୍ୟା, ଅପହରଣ, ପ୍ରଜାକୋର୍ଟରେ ସଂକ୍ଷିପ୍ତ ବିଚାର, ନିଷ୍ପାଦନ, ସୁରକ୍ଷାକର୍ମୀଙ୍କ ହତ୍ୟା, ମାନବାଧିକାର ଉଲ୍ଲଙ୍ଘନ, ସ୍କୁଲମାନଙ୍କୁ ବିସ୍ଫୋରଣ ଏବଂ ପୁଲିସ ଷ୍ଟେସନ ଉପରେ ଆକ୍ରମଣ ବନ୍ଦ ହେବା ସହିତ ମାଓ ପ୍ରଭାବିତ ଆଦିବାସୀ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହେବ। ମାଓ ହିଂସା ଏବଂ ସୁରକ୍ଷାକର୍ମୀଙ୍କ ପ୍ରତି ଆକ୍ରମଣ ଯୋଗୁଁ ସୃଷ୍ଟ ଅସୁରକ୍ଷିତ ସାମାଜିକ ପରିବେଶରୁ ଆଦିବାସୀ ଶିଶୁ ମୁକ୍ତି ପାଇବା ସହିତ ଏକ ସୁସ୍ଥ ବ୍ୟକ୍ତି ତଥା ନାଗରିକ ହେବାର ଅନୁକୂଳ ପରିବେଶ ଆଶା କରାଯାଏ; କିନ୍ତୁ ଗବେଷକମାନଙ୍କ ମତରେ ମାଓବାଦୀ ଆନ୍ଦୋଳନ ଯଦିଓ ଦୁର୍ବଳ ହୋଇଛି, ଆନ୍ଦୋଳନ ନେତୃତ୍ୱହୀନ ନୁହେଁ। ତେଣୁ ମାଓବାଦୀ ନୁହେଁ, 'ମାଓବାଦ'ର ହତ୍ୟା ସରକାରୀ ଯୋଜନାର ଲକ୍ଷ୍ୟ ହେବା ଉଚିତ।

ମାଓ ଆନ୍ଦୋଳନରେ କେଉଁମାନେ ସାମିଲ ହେଉଛନ୍ତି ବା କରାଯାଉଛି ଏବଂ କେଉଁସବୁ କାରଣ ଯୋଗୁଁ କିଛି ଭୌଗୋଳିକ ଅଞ୍ଚଳରେ ମାଓବାଦ ଗତ ପାଞ୍ଚ ଦଶନ୍ଧିରେ ତା'ର କାୟା ବିସ୍ତାର କରିପାରିଛି। ପ୍ରଥମତଃ, ମାଓବାଦୀ ସଙ୍ଗଠନ ବୟସ୍କଙ୍କ ଅପେକ୍ଷା ଶିଶୁମାନଙ୍କୁ କ୍ୟାଡରରେ ସାମିଲ କରିବାକୁ ପସନ୍ଦ କରିଥାଏ; କିନ୍ତୁ ମାଓବାଦୀମାନେ ଶିଶୁମାନଙ୍କୁ ଯେଉଁସବୁ ଉପାୟରେ ସଙ୍ଗଠନରେ ସାମିଲ କରୁଛନ୍ତି ଏବଂ ତାକୁ ପ୍ରତିରୋଧ କରିବାପାଇଁ କ'ଣ ସବୁ ପଦକ୍ଷେପ ହେବାକଥା ମାଓ ସମସ୍ୟାର ମୁକାବିଲା ପାଇଁ ଉଦ୍ଦିଷ୍ଟ କୌଣସି ଯୋଜନାରେ ଉଲ୍ଲେଖ ନାହିଁ। ଦ୍ୱିତୀୟତଃ, ମାଓ ସମସ୍ୟାର "ବିପଦ କାରଣ" ଏବଂ "ପ୍ରତିରକ୍ଷା କାରକ" ସଠିକ ଭାବରେ ଆକଳନ ହୋଇପାରିଛି କି ? କେଉଁ କାରଣ ଏବଂ ପରିସ୍ଥିତି ଯୋଗୁଁ ମାଓ ଚିନ୍ତାଧାରା ସରଳ ଆଦିବାସୀ, ବିଶେଷତଃ ଶିଶୁମାନଙ୍କୁ ଆକର୍ଷିତ କରୁଛି ଏବଂ ଆଦିବାସୀ ଅଞ୍ଚଳରୁ ମାଓବାଦୀଙ୍କ ପ୍ରବେଶକୁ ବନ୍ଦ କରିବା ପାଇଁ କିଭଳି ବିକାଶ ମଡେଲ ହେବା ଉଚିତ୍ ?

୨୦୧୧ ମସିହାରେ ମିଳିତ ଜାତିସଂଘର ମାନବ ଅଧିକାର, ପ୍ରୋତ୍ସାହନ, ସୁରକ୍ଷା ଏବଂ ସମ୍ମାନ ସଂସ୍ଥା ଆକଳନ କରିଛି ଯେ କେବଳ ଛତିଶଗଡ଼ ରାଜ୍ୟରେ ୮୦ ହଜାରରୁ ଅଧିକ ଶିଶୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ମାଓ ହିଂସାରେ ସାମିଲ ହୋଇଛନ୍ତି। ଆଦିବାସୀ ଶିଶୁମାନଙ୍କୁ ଆନ୍ଦୋଳନରେ ସାମିଲ କରିବାପାଇଁ ମାଓବାଦୀମାନେ ମୁଖ୍ୟତଃ ତିନିଟି ପଦ୍ଧତି ବ୍ୟବହାର କରିଥାନ୍ତି- ଭୟଭୀତ କରି, ଅପହରଣ ଏବଂ ବାଧ୍ୟବାଧକତା। ଆମ ସୀମାନ୍ତ ରାଜ୍ୟ ଝାଡଖଣ୍ଡରେ ସେମାନେ ପ୍ରତ୍ୟେକ ପରିବାରରୁ ଜଣେ ପୁରୁଷ ସନ୍ତାନକୁ (ପୁରୁଷ ନଥିଲେ ମହିଳା, ଶିଶୁ ) ବଳପୂର୍ବକ ସାମିଲ କରିଥାନ୍ତି। ଅନ୍ୟ ଏକ ପଦ୍ଧତି ହେଲା, ଆଦର୍ଶଗତ ରୂପାନ୍ତର। ସରଳ ଆଦିବାସୀ ଶିଶୁମାନଙ୍କ ମସ୍ତିଷ୍କରେ ଏହି କଥା ଭରିଦିଆଯାଏ ଯେ ସରକାର ତାଙ୍କର ଜୀବନଜୀବିକାର ମାଧ୍ୟମ ଜଳ-ଜଙ୍ଗଲ-ଜମି ଲୁଟି ନେଉଛନ୍ତି ଏବଂ ଏହାକୁ ବଞ୍ଚାଇବା ପାଇଁ ସରକାର ବିରୁଦ୍ଧରେ ଲଢେଇ କରିବାକୁ ପଡ଼ିବ। ଏହି ଲଢେଇରେ ମାଓବାଦୀ ହିଁ ତାଙ୍କୁ ସହଯୋଗ କରିବ। ଆମ ରାଜ୍ୟର ମାଲକାନଗିରି ଜିଲାରେ ମାଓବାଦୀମାନେ ଖରା ଛୁଟିରେ ଆଦିବାସୀ ଶିଶୁମାନଙ୍କୁ ଅସ୍ତ୍ର ଚାଳନା ଶିକ୍ଷା ଦେବାର ଦୃଷ୍ଟାନ୍ତ ଅଛି। ଆହୁରି ମଧ୍ୟ, ଅର୍ଥଲୋଭ ଦେଖାଇ କିମ୍ବା ସ୍କୁଲ କୋଠା ଧ୍ୱଂସ ପରି ପରୋକ୍ଷ ଭାବରେ ଶିଶୁମାନଙ୍କୁ ମାଓ ସଙ୍ଗଠନରେ ସାମିଲ କରାଯାଇଥାଏ।

ମାଓ ସଂଗଠନ ଶିଶୁମାନଙ୍କୁ ତିନିଟି କାର୍ଯ୍ୟରେ ନିୟୋଜିତ କରେ- ସୂଚନାଦାତା, ମାଓବାଦୀ ଆଦର୍ଶର ପ୍ରଚାରକ ଏବଂ ରାଜ୍ୟ ସଶସ୍ତ୍ର ବାହିନୀ ସହିତ ପ୍ରତ୍ୟକ୍ଷ ଯୁଦ୍ଧ ବା 'ଶିଶୁ ସୈନିକ'। ନକ୍ସଲ ଚିନ୍ତାଧାରାକୁ ପ୍ରଚାର କରିବା ପାଇଁ ମୁଖ୍ୟତଃ ଛତିଶଗଡ଼ ଓ ଝାଡଖଣ୍ଡ ରାଜ୍ୟରେ ବିଭିନ୍ନ ସାଂସ୍କୃତିକ ସଂଗଠନ ଯଥା -ଚେତନା ନାଟ୍ୟ ମଣ୍ଡଳ, ମହିଳା ମଣ୍ଡଳ ଏବଂ ବାଲ୍ ମଣ୍ଡଳ ଆଦିବାସୀ ଗ୍ରାମମାନଙ୍କରେ ଗଠନ କରାଯାଇଅଛି।

ଏଠାରେ ପ୍ରଶ୍ନଉଠେ ମାଓ ସଂଗଠନ ବୟସ୍କଙ୍କ ପରିବର୍ତ୍ତେ ଶିଶୁମାନଙ୍କୁ କାହିଁକି ସାମିଲ କରିବାକୁ ଚେଷ୍ଟାକରେ। ବିଶିଷ୍ଟ ମାନସିକ ନୃତତ୍ତ୍ୱବିତ୍ ପିଆଗେଟଙ୍କର ଜେନେଟିକ ଏପିଡ଼ ?ମୀଲଜୀୟ ସିଦ୍ଧାନ୍ତରୁ ଏହା ସହଜରେ ବୁଝିପାରିବା। ପିଆଗେଟଙ୍କ ମତରେ ଶିଶୁର ଆଭ୍ୟନ୍ତରୀଣ ଏବଂ ବାହ୍ୟ ପରିବେଶ ମଧ୍ୟରେ ନିବିଡ ସମ୍ପର୍କ ଥିବାଯୋଗୁଁ ବାଲ୍ୟାବସ୍ଥାର ଶିକ୍ଷା ଅତ୍ୟନ୍ତ ପ୍ରଭାବଶାଳୀ ହୋଇଥାଏ, ଏପରି କି ବୟସ୍କମାନଙ୍କ ଯୁକ୍ତିଯୁକ୍ତ ଚିନ୍ତାଧାରାକୁ ମଧ୍ୟ ଶିଶୁ ପ୍ରତ୍ୟାଖ୍ୟାନ କରିଥାଏ। ଶିଶୁଟି ନିଜେ ନିଜର ଦୁନିଆଁ ସୃଷ୍ଟି କରିଥାଏ। ମାଓବାଦୀ ଯେତେବେଳେ ଶିଶୁର ମାନସିକତାରେ ଗରିବ ଆଦିବାସୀର ଦୁଃଖ, ଭାରତୀୟ ସମାଜରେ ଅସମାନତା, ଶିଳ୍ପପତିମାନଙ୍କର ଶୋଷଣ, ଜଳ-ଜଙ୍ଗଲ-ଜମି, ଘରୋଇକରଣର କୁପ୍ରଭାବ ଆଦିର ଉଦାହରଣ ବାରମ୍ବାର ସନ୍ନିବେଶ କରିଥାଏ, ଶିଶୁଟି ଉକ୍ତ କାରଣଗୁଡିକୁ ନିଜସ୍ୱ ଭାବିନେଇଥାଏ। ଫଳରେ, ସଶସ୍ତ୍ର ସେନାଦ୍ୱାରା ନିଶ୍ଚିତ ମୃତ୍ୟୁ ଜାଣିବା ସତ୍ତ୍ୱେ ରାଷ୍ଟ୍ରବିରୁଦ୍ଧରେ ହାତରେ ବନ୍ଧୁକ ଧରିବାପାଇଁ ପଛାଇ ନଥାଏ।

ଦ୍ୱିତୀୟତଃ, ମାଓବାଦ ବିରୁଦ୍ଧରେ କିଛି ବର୍ଷ ପୂର୍ବରୁ ଆମର ଜାତୀୟ ନୀତି ଶିଶୁମାନଙ୍କୁ ମାଓ ସଙ୍ଗଠନରେ ସାମିଲ ହେବାପାଇଁ ପ୍ରତିରୋଧ ଅପେକ୍ଷା ଆତ୍ମସମର୍ପିତ ମାଓବାଦୀର ପୁନର୍ବାସ ଉପରେ ଅଧିକ ଧ୍ୟାନ ଦେଇ ଆସୁଥିଲା। ଗବେଷଣାରୁ ଜଣାଯାଏ ଅଧିକାଂଶ ମାଓବାଦୀ ତାଙ୍କ ଶୈଶବରୁ ହିଁ ସଙ୍ଗଠନରେ ସାମିଲ ହୋଇଛନ୍ତି। ଯେଉଁ ଆଦିବାସୀ ଶିଶୁର ମାଓବାଦୀ ହିସାବରେ ମୃତ୍ୟୁ ହେଲା, ତା' କଥା ଅଲଗା। ଯେଉଁ ମାଓବାଦୀ କୌଣସି କାରଣରୁ ଆତ୍ମସମର୍ପଣ କରୁଛି ସେମାନଙ୍କ ପାଇଁ ମାଗଣା ଶିକ୍ଷା, ବିକଳ୍ପ ଜୀବିକା ଏବଂ ବ୍ୟବସାୟ ଆରମ୍ଭ କରିବା ପାଇଁ ଆର୍ଥିକ ସହାୟତା ଇତ୍ୟାଦିର ବ୍ୟବସ୍ଥା ଅଛି। ୨୦୦୬ ମସିହାରେ, ତତ୍କାଳୀନ ଗୃହମନ୍ତ୍ରୀ ଶିବରାଜ ପାଟିଲ ରାଜନୈତିକ-ସୁରକ୍ଷା-ବିକାଶ ଆଧାରରେ ୧୪ ସୂତ୍ରୀ ଯୋଜନା ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ୨୦୦୯ ମସିହାରେ ଗୃହମନ୍ତ୍ରୀ ପି. ଚିଦମ୍ବରମ୍ 'ନକ୍ସଲ ନିପାତ-ପ୍ରଶାସନ' 'ପ୍ରତିଷ୍ଠା-ବିକାଶ' ଯୋଜନା ଘୋଷଣା କରିଥିଲେ। ଦୁଇଟିଯାକ ଯୋଜନା ବିଫଳ ଥିଲା। ୨୦୧୪-୨୦୨୪ ମସିହାରେ ସମାନ ଯୋଜନା ଜାରି ରହିଲା। ଅବଶ୍ୟ, ୨୦୨୪ ମସିହାରେ ଗୃହମନ୍ତ୍ରୀ ଅମିତ ଶାହାଙ୍କ ନେତୃତ୍ୱରେ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ମାଓବାଦର ମୂଳୋତ୍ପାଟନ ପାଇଁ ସୁରକ୍ଷା, ବିକାଶ ଏବଂ ପୁନଃଥଇଥାନକୁ ମିଶାଇ ତ୍ରିସ୍ତରୀୟ ରଣନୀତି ଗ୍ରହଣ କରିଥିଲେ, ଫଳରେ ଗତ ଏକବର୍ଷ ମଧ୍ୟରେ ମାଓବାଦୀ ଦମନରେ ଆଶାତୀତ ସଫଳତା ମିଳିଛି।

ମାଓବାଦୀଙ୍କୁ ହତ୍ୟା ଓ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ପୁନର୍ବାସ ବ୍ୟବସ୍ଥା ସହିତ 'ମାଓବାଦ ଆଦର୍ଶ'ର ସମ୍ପୂର୍ଣ ବିଲୋପ କରିବାର ସମୟ ଆସିଛି। ଶିଶୁଟିଏ ମାଓବାଦୀ ସଙ୍ଗଠନରେ ଯୋଗଦାନ କରିବା କିମ୍ବା ସଂଗଠନ ତାକୁ ସାମିଲ କରିବାରେ କେଉଁ ସବୁ ରିସ୍କ ଫ୍ୟାକ୍ଟର ତଥା ଶିଶୁ ପାଇଁ କେଉଁସବୁ "ପ୍ରତିରକ୍ଷା କାରକ" ଅଛି ମ୍ୟାପିଂ କରିବା ସହିତ ସାମ୍ବିଧାନିକ, ଆଇନଗତ ଏବଂ ବିକାଶମୂଳକ ନୀତିକୁ କଡାକଡି ଭାବରେ ଲାଗୁ କରିବାର ଆବଶ୍ୟକତା ଅଛି। ଶିଶୁ ପାଇଁ ଉଦ୍ଦିଷ୍ଟ ସାମ୍ବିଧାନିକ ଅଧିକାରର ଉଲ୍ଲଙ୍ଘନ; ଧାରା ୧୫(୩), ୨୩, ୨୪, ୨୧(ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା) ଏବଂ ଧାରା-୪୫ (ବାଲ୍ୟକାଳର ଯତ୍ନ ଏବଂ ଶିକ୍ଷା ପ୍ରଦାନ ରାଷ୍ଟ୍ରର ଦାୟିତ୍ୱ) ଆଦିବାସୀ ଅଞ୍ଚଳରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ମାଓବାଦୀଙ୍କ ସପକ୍ଷରେ ଯାଇଥାଏ । ବିଭିନ୍ନ ଆଇନଗତ ଅଧିକାର ଯଥା ଆପ୍ରେଣ୍ଟିସ୍ ଆକ୍ଟ, ୧୯୬୧, ମାନବିକ ଅଧିକାର ସୁରକ୍ଷା ଆକ୍ଟ ୧୯୯୩, ଶିଶୁ ଅଧିକାର ଆଇନ ୨୦୦୫, ଜୁଭେନିଲେ ଜଷ୍ଟିସ ଆକ୍ଟ, ୨୦୦୦ (ଶିଶୁର ଯତ୍ନ ଓ ସୁରକ୍ଷା)କୁ ଦୃଢ ଭାବରେ କାର୍ଯ୍ୟକାରୀ କରାଯିବାର ଆବଶ୍ୟକତା ଅଛି।

ଭାରତକୁ ମାଓମୁକ୍ତ କରିବାପାଇଁ ମାଓବାଦୀ ଆଦର୍ଶର ସାମାଜିକ ଓ ନୃତାତ୍ତ୍ୱିକ ବିଶ୍ଳେଷଣର ଆବଶ୍ୟକତା ଅଛି। ମାଓବାଦୀ କ୍ୟାଡର ବିଶେଷତଃ ଶିଶୁମାନଙ୍କର ସାମାଜିକ-ସାଂସ୍କୃତିକ ଓ ଅର୍ଥନୈତିକ ପୃଷ୍ଠଭୂମି ଜାଣିବା ପରେ ଅନ୍ୟ ଶିଶୁମାନଙ୍କୁ ମାଓବାଦୀଙ୍କ ଟାର୍ଗେଟରୁ ରକ୍ଷା କରାଯାଇ ପାରିବ ଓ ଜାତିସଂଘର ପ୍ୟାରିସ ନୀତି (୨୦୦୭) ସଶସ୍ତ୍ର ଗୋଷ୍ଠୀ ସହିତ ଜଡିତ ଶିଶୁମାନଙ୍କୁ ବାହାରକରି ସମାଜରେ କିଭଳି ଏକୀକରଣ କରାଯାଇ ପାରିବ ତା'ର ନିର୍ଦ୍ଦେଶାବଳୀ ପ୍ରଦାନ କରିଛି। ଏହି ନୀତିକୁ ମଧ୍ୟ ଦୃଢତାର ସହିତ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଅଛି। ସ୍ୱାଧୀନତା ଏବଂ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେଲେ ଆମ ଦେଶ ନିଶ୍ଚିତ ଭାବରେ ଅତି ଶୀଘ୍ର ମାଓମୁକ୍ତ ହୋଇପାରିବ।



## କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରେ ବିଲାତି ଓ ଲାଉ

ଟମାଟୋ ଏବଂ ଲାଉ ସହ ପ୍ରସ୍ତୁତ ରସ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ଯଦି ଏହି ସୁସ୍ଥ ରସ ସହିତ ଦିନ ଆରମ୍ଭ ହୁଏ, ତେବେ ପୁରା ଦିନ ଶକ୍ତିରେ ପରିପୂର୍ଣ୍ଣ ହୋଇଥାଏ। ଟମାଟୋ ଏବଂ ଲାଉରୁ ପ୍ରସ୍ତୁତ ରସ ମଧୁମେହକୁ ନିୟନ୍ତ୍ରଣରେ ରଖିବା ସହିତ କୋଲେଷ୍ଟ୍ରଲ ହ୍ରାସ କରିବାରେ ସହାୟକ ହୋଇପାରେ। ଉଭୟ ଟମାଟୋ ଏବଂ ଲାଉ ପରିବାରେ ପୋଷକ ତତ୍ତ୍ୱ ଭରପୂର ରହିଥାଏ। ଏପରି ପରିସ୍ଥିତିରେ, ଆପଣ ଏହି ପନିପରିବା ମିଶ୍ରଣ କରି ପ୍ରସ୍ତୁତ ରସକୁ ପିଇ ନିଜକୁ ସୁସ୍ଥ ଏବଂ ଫିଟ୍ ରଖିପାରିବେ।

ଗ୍ରୀଷ୍ମ ଋତୁରେ ରୋଗ ପ୍ରତିରୋଧକ ଶକ୍ତି ବଜାୟ ରଖିବା ଅତ୍ୟନ୍ତ ଆବଶ୍ୟକ। ଏପରି ପରିସ୍ଥିତିରେ ଟମାଟୋ ଏବଂ ଲାଉ ପ୍ରସ୍ତୁତ ରସ ଅତ୍ୟନ୍ତ ଲାଭଦାୟକ ହୋଇପାରେ। ଏହାକୁ ନିୟମିତ ଖାଇବା ମଧ୍ୟ ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଚର୍ମ ପାଇଁ ଟମାଟୋ-ଲାଉ ମଧ୍ୟ ବହୁତ ଲାଭଦାୟକ।


**ହୃଦୟ ସ୍ୱାସ୍ଥ୍ୟ** – ହୃଦୟ ହେଉଛି ଆମ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହା ସୁସ୍ଥ ରହିବା ଅତ୍ୟନ୍ତ ଜରୁରୀ। ଯଦି ଆପଣ ନିଜ ହୃଦୟ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତିତ ଅଛନ୍ତି, ତେବେ ଆପଣ ଖାଦ୍ୟରେ ଟମାଟୋ-ଲାଉ ରସ ଅନ୍ତର୍ଭୁକ୍ତ କରିପାରିବ। ଏହା ହୃଦୟକୁ ସୁସ୍ଥ କରୁଥିବା ପୁଷ୍ଟିକର ଖାଦ୍ୟ। ହେଲ୍ଥଲାଇନର ଖବର ଅନୁଯାୟୀ, ଟମାଟୋ ଉପରେ ହୋଇଥିବା ଅଧ୍ୟୟନରୁ ଜଣାପଡିଛି ଯେ, ଏହାର ବ୍ୟବହାର ହୃଦୟକୁ ସୁସ୍ଥ ରଖିବାରେ ପ୍ରଭାବଶାଳୀ ହୋଇପାରେ।

**ମଧୁମେହ** – ମଧୁମେହ ରୋଗୀଙ୍କ ପାଇଁ ଅଧିକ କିମ୍ବା କମ୍ ରକ୍ତରେ ଶର୍କରା ରହିବା ସାଧାରଣ କଥା। ମଧୁମେହ ଏପରି ଏକ ରୋଗ ଯାହା ରୋଗୀକୁ ଭିତରୁ ଅସୁସ୍ଥ କରିଦିଏ। ଏଭଳି ପରିସ୍ଥିତିରେ ମଧୁମେହ ରୋଗୀଙ୍କ ପାଇଁ ରକ୍ତ ଶର୍କରା ନିୟନ୍ତ୍ରଣରେ ରହିବା ଅତ୍ୟନ୍ତ ଜରୁରୀ ଅଟେ। ନିୟମିତ ଭାବେ ଟମାଟୋ-ଗୁଣ୍ଡ ରସ ପିଇବା ଦ୍ୱାରା ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ। ଅନୁସନ୍ଧାନରୁ ଜଣାପଡିଛି ଯେ, ମଧୁମେହକୁ ନିୟନ୍ତ୍ରଣ କରିବାରେ ଲାଉ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

**ଚର୍ମ ଯତ୍ନ** – ସମସ୍ତେ ଚାହାଁନ୍ତି ଯେ, ତାଙ୍କ ଚର୍ମ ସୁସ୍ଥ ଏବଂ ଚମକପୂର୍ଣ୍ଣ। ଯଦି ଆପଣ ମଧ୍ୟ ଏହିପରି ଭାବନ୍ତି, ତେବେ ଆପଣ ନିଜ ଖାଦ୍ୟରେ ଲାଉ-ଟମାଟୋ ରସ ଅନ୍ତର୍ଭୁକ୍ତ କରିପାରିବେ। ପରୀକ୍ଷଣରେ ସର୍ବୋତ୍ତମ ବୋତଲ ଗୁଣ୍ଡ-ଟମାଟୋ ରସ ଚର୍ମ ପାଇଁ ଅତ୍ୟନ୍ତ ଲାଭଦାୟକ ପ୍ରମାଣିତ ହୋଇପାରେ। ଟମାଟୋରେ ଥିବା ଲାଇକୋପିନ୍ ଏବଂ ଅନ୍ୟାନ୍ୟ ଯୌଗିକ ଚର୍ମକୁ ସୂର୍ଯ୍ୟକିରଣରୁ ରକ୍ଷା କରିଥାଏ । କଦଳୀ ଖାଇବା ମଧ୍ୟ ଲାଭଦାୟକ ଅଟେ।

**ହଜମ** – ଲାଉ-ଟମାଟୋରୁ ପ୍ରସ୍ତୁତ ଜୁସ୍ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବାରେ ବହୁତ ପ୍ରଭାବଶାଳୀ ହୋଇପାରେ। ଲାଉ-ଟମାଟୋ ଫାଇବରରେ ଭରପୂର ଏବଂ ଏଥିରେ ପ୍ରଚୁର ଜଳ ରହିଛି।ଏଭଳି ପରିସ୍ଥିତିରେ ଲାଉ-ଟମାଟୋ ରସ କେବଳ ଡିହାଇଡ୍ରେସନକୁ ରୋକି ନଥାଏ ବରଂ କୋଷ୍ଠକାଠିନ୍ୟ ସମସ୍ୟାରୁ ମଧ୍ୟ ମୁକ୍ତି ପାଇପାରେ। ଏହା ଅତି ସହଜରେ ପ୍ରସ୍ତୁତ ହୋଇପାରିବ।

**ଶକ୍ତି ବୁଷ୍ଟର୍** – ଟମାଟୋ ଏବଂ ଲାଉ ଗୁଣ୍ଡରୁ ପ୍ରସ୍ତୁତ ଜୁସ୍ ମଧ୍ୟ ଏକ ଶକ୍ତି ବୃଦ୍ଧିକାରୀ ଭାବରେ କାର୍ଯ୍ୟ କରିଥାଏ ।ସକାଳେ ଟମାଟୋ-ଲାଉ ରସ ଖାଇବା ଦ୍ୱାରା ଶରୀରରେ ଦିନସାରା ଶକ୍ତି ବଜାୟ ରହିଥାଏ।



## ଗଳା ଯନ୍ତ୍ରଣା ଓ କଫ ସମସ୍ୟା ଦୂରକରେ ଲବଙ୍ଗ କ୍ଷୀର

ଶୀତ ଦିନେ ରାତିରେ ଅଧିକାଂଶ ଲୋକ କ୍ଷୀର ପିଇବା ପାଇଁ ପସନ୍ଦ କରନ୍ତି। ବିଶ୍ୱାସ ରହିଛି ଯେ, କ୍ଷୀର ପିଇଲେ କୁଆଡେ ଭଲ ନିଦ ହୁଏ। ଏଥିସହ ହଜମ ଶକ୍ତି ମଧ୍ୟ ଭଲ ରୁହେ। ତେବେ ଏହି କ୍ଷୀର ସହ ଲବଙ୍ଗ ମିଶାଇ ପିଇଲେ ଅଧିକ ଲାଭ ମିଳିଥାଏ। ଏହି ଦୁଇଟି ଜିନିଷକୁ ଏକାଠି ପିଇବା ସ୍ୱାସ୍ଥ୍ୟ ପାଇଁ ବେଶ ଲାଭଦାୟକ ହୋଇପାରେ। କ୍ଷୀର ଏବଂ ଲବଙ୍ଗ ଅନେକ ପୋଷକ ତତ୍ତ୍ୱରେ ଭରପୂର। କ୍ଷୀରରେ ଫସଫରସ୍, ମ୍ୟାଗ୍ନେସିୟମ୍, ଆୟୋଡିନ୍, ଭିଟାମିନ୍‌ଏ-, ଡି ଓ କେ ଭରପୂର ମାତ୍ରାରେ ଥିବାବେଳେ ଲବଙ୍ଗରେ କାର୍ବୋହାଇଡ୍ରେଟ୍, ଆଇରନ୍, ସୋଡିୟମ୍ ପ୍ରଚୁର ପରିମାଣରେ ରହିଛି।



ଶୋଇବା ପୂର୍ବରୁ ପ୍ରତିଦିନ ରାତିରେ କ୍ଷୀରରେ ଲବଙ୍ଗ ମିଶାଇ ପିଅନ୍ତୁ। ଯଦି ଆପଣ ଚାହାଁନ୍ତି, ଆପଣ ଏହାକୁ ଯେକୌଣସି ସମୟରେ ପିଇପାରିବେ, କିନ୍ତୁ ରାତିରେ ଏହାକୁ ପିଇବା ଅଧକ ଭଲ। ଏଥିପାଇଁ, ପ୍ରଥମେ ଲବଙ୍ଗକୁ ଭଲ ଭାବେ ଗୁଣ୍ଡ କରି ପାଉଡର ତିଆରି କରି ରଖିଦିଅନ୍ତୁ। ଏହା ପରେ କ୍ଷୀରକୁ ଭଲ ଭାବରେ ଗରମ କରନ୍ତୁ। ଏବେ ଏକ ଗ୍ଲାସ କ୍ଷୀରରେ ଲବଙ୍ଗ ପାଉଡର ମିଶାନ୍ତୁ। ତା'ପରେ ସେଥିରେ ଟିକେ ଗୁଡ ମିଶାଇ ପିଅନ୍ତୁ।

– ଶୀତ ଦିନେ ପ୍ରାୟତଃ ଲୋକଙ୍କ ଗଳାରେ ଯନ୍ତ୍ରଣା, କଫ ଆଦି ସମସ୍ୟା ସୃଷ୍ଟି ହୁଏ। ଏଭଳି ସ୍ଥିତିରେ ରାତିରେ ଶୋଇବା ପୂର୍ବରୁ କ୍ଷୀର ସହ ଲବଙ୍ଗ ମିଶାଇ ପିଇବା ଲାଭଦାୟୀ ହୋଇଥାଏ। ଏଥିରୁ ଗଳା ଯନ୍ତ୍ରଣା ଏବଂ କଫ ଆଦି ସମସ୍ୟାରୁ ମୁକ୍ତି ମିଳିଥାଏ।

-ଯଦି ଆପଣ ଦୁର୍ବଳ ଅନୁଭବ କରନ୍ତି ତେବେ କ୍ଷୀର ସହ ଲବଙ୍ଗ ମିଶାଇ ପିଇବା ନିହାତି ଆବଶ୍ୟକ। କ୍ଷୀରରେ କ୍ୟାଲସିଅମ୍, ସୋଡିଅମ୍, ପୋଟାସିଆମ ଭରପୂର ମାତ୍ରାରେ ରହିଛି। ଏହା ଶରୀରକୁ ଭରପୁର ଏନର୍ଜି ପ୍ରଦାନ କରିଥାଏ।

– ପ୍ରାୟତଃ କିଛି ଲୋକଙ୍କ ମୁହଁରୁ ବେଳେ ବେଳେ ଦୁର୍ଗନ୍ଧ ବାହାରିବା ଭଳି ସମସ୍ୟା ରହିଥାଏ। ଏପରି ସ୍ଥିତିରେ ଲବଙ୍ଗ କ୍ଷୀର ଏହି ସମସ୍ୟାରୁ ମୁକ୍ତି ଦେଇଥାଏ।

### ଜାତୀୟ ସଡକ ସୁରକ୍ଷା ମାସ - ୨୦୨୬ ଉଦ୍‌ଘାଟିତ

# ସଡକସୁରକ୍ଷା କେବଳ ଏକ ସ୍ଲୋଗାନ ନୁହେଁ ଜନ ଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ ଦେଲେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ




ଭୁବନେଶ୍ୱର (ବ୍ୟୁରୋ): ଜାତୀୟ ସଡକ ସୁରକ୍ଷା ମାସ-୨୦୨୬ରେ ରାଜ୍ୟସ୍ତରୀୟ ଉତ୍ସବ ଉଦ୍‌ଘାଟିତ ହୋଇଛି । ମହାତ୍ମା ଗାନ୍ଧୀ ମାର୍ଗଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଓଡିଶା ବିଧାନସଭାର ମାନ୍ୟବର ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସଡକ ସୁରକ୍ଷା ଅଭିଯାନକୁ ବ୍ୟାପକ କରିବା ପାଇଁ ଶ୍ରୀମତୀ ପାଢୀ ଆହ୍ୱାନ ଦେଇଥିଲେ । ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀଯୁକ୍ତ ବିଭୂତି ଭୂଷଣ ଜେନା ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ, ସଡକ ସୁରକ୍ଷାକୁ ରାଜ୍ୟ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି । ଜାତୀୟ ସଡକ ସୁରକ୍ଷା ମାସର ଯେଉଁ ସନ୍ଦେଶ ରହିଛି, 'ଶିକ୍ଷାରୁ ସୁରକ୍ଷା ଓ ପ୍ରଯୁକ୍ତିରୁ ପରିବର୍ତ୍ତନ' ଏହାକୁ ଆଧାର କରି ଆମେ ଅନେକ ପଦକ୍ଷେପ ଗ୍ରହଣ କରିଛୁ ବୋଲି ଶ୍ରୀଯୁକ୍ତ ଜେନା ଉଲ୍ଲେଖ କରିଥିଲେ । କଡା ଆଇନ ପାଳନ, ସଚେତନତା ଅଭିଯାନ ଓ ପ୍ରଯୁକ୍ତିବିଦ୍ୟାର ସଫଳ ବ୍ୟବହାର ଫଳରେ ଗତ କିଛି ବର୍ଷରେ ସଡକ ଦୁର୍ଘଟଣା ହ୍ରାସ ପାଇଛି । ଏହି କାର୍ଯ୍ୟକ୍ରମରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଏବଂ ପୂର୍ବତନ ମନ୍ତ୍ରୀ ତଥା ରାଜନେତା ଶ୍ରୀଯୁକ୍ତ ମନମୋହନ ସାମଲ ଉପସ୍ଥିତ ରହି ସଡକ ସୁରକ୍ଷା କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ । ସଡକ ସୁରକ୍ଷା ବ୍ରାଣ୍ଡ ଆମ୍ବାସାଡର ବିଶିଷ୍ଟ ଅଭିନେତା ତଥା ବିଧାୟକ ଶ୍ରୀଯୁକ୍ତ ସିଦ୍ଧାନ୍ତ ମହାପାତ୍ର, ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ପଦ୍ମଶ୍ରୀ ଶ୍ରୀ ସୁଦର୍ଶନ ପଟ୍ଟନାୟକ, ବିଶିଷ୍ଟ ସମାଜସେବୀ ଡ. ଶ୍ରୁତି ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇ ଜନସାଧାରଣଙ୍କୁ ସଡକ ଦୁର୍ଘଟଣା ହ୍ରାସ ଦିଗରେ କାର୍ଯ୍ୟ କରିବାକୁ ସଚେତନ କରିଥିଲେ । ଏହି ଅବସରରେ ଯୁବପିଢିଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମକୁ ପ୍ରଭାବୀ କରିବାକୁ ସଡକ ସୁରକ୍ଷା ସଙ୍ଗୀତର ଭିଡିଓ ଉନ୍ମୋଚନ ହୋଇଥିଲା । କାର୍ଯ୍ୟକ୍ରମରେ 'ଆମ ସୁବାହକ' ଯୋଜନାର ଶୁଭାରମ୍ଭ କରାଯାଇଥିଲା । ଏହି ଯୋଜନା ମାଧ୍ୟମରେ ପ୍ରଶିକ୍ଷିତ ମହିଳାମାନଙ୍କୁ ସରକାରଙ୍କ ଗ୍ୟାରେଂଟିରେ ସୁଧମୁକ୍ତ ଋଣ ପ୍ରଦାନ ମାଧ୍ୟମରେ ଚାରିଚକିଆ ଯାନ କ୍ରୟ କରି ସ୍ୱାବଲମ୍ବୀ ହେବାର ଲକ୍ଷ୍ୟ ରଖାଯାଇଛି । ଆଜି ମଂଚ ଉପରେ 'ଆମ ସୁବାହାକ' ଯୋଜନା ଅର୍ନ୍ତଭୁକ୍ତ ୫ଜଣ ହିତାଧିକାରୀଙ୍କୁ କାର ଚାବି ପ୍ରଦାନ କରାଯାଇଥିଲା । ସେହିଭଳି ସୁବାହକ ସୁବିଧା ଯୋଜନା ଅନୁଯାୟୀ, ପାଇଲଟ ପ୍ରାଜେକ୍ଟରେ ବସ ମାଲିକମାନଙ୍କୁ, ସରକାର ନିଜସ୍ୱ ଖର୍ଚ୍ଚରେ କୀଟ ପ୍ରଦାନ କରିଥିଲେ । ବସରେ ସୁବାହକ ସୁବିଧା କୀଟ ଅବସ୍ଥାପନ ଦ୍ୱାରା, ଚାଳକମାନଙ୍କ ନିଦ୍ରାହୀନତା ତଥା ମଦ୍ୟପାନ କରି ଗାଡି ଚଳାଇବାକୁ ଚିହ୍ନଟ କରିବାରେ ଏହା ସହାୟକ ହେବ । ରାଜ୍ୟ ପରିବହନ ପ୍ରାଧିକରଣ ଓ ଆଇଆଇଟି ମାଦ୍ରାସର ମିଳିତ ସହଭାଗିତାରେ ସଡକ ସୁରକ୍ଷା କ୍ଷେତ୍ରରେ 'ସଡକ ସୁରକ୍ଷା ଡ୍ୟାଶବୋର୍ଡ' ପ୍ରସ୍ତୁତ କରାଯାଇଛି ଯାହାକୁ ଅତିଥିମାନେ ଲୋକାର୍ପଣ କରିଥିଲେ । ଓଡିଶା ଯାତ୍ରୀ ଆପ ଅଧୀନରେ FAST Ticket ନାମକ ଛଜ ଭିତିକ ଡିଜିଟାଲ ବସ୍ ଟିକେଟିଂ ବ୍ୟବସ୍ଥା ମଧ୍ୟ ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ବାଚସ୍ପତିଙ୍କ ନେତୃତ୍ୱରେ ଏକ ସାମୂହିକ ସଡକ ସୁରକ୍ଷା ଶପଥପାଠ କରାଯାଇଥିଲା । ପରେ ସମସ୍ତେ ଶ୍ରୀ ରାମ ମନ୍ଦିର ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ପଦଯାତ୍ରାରେ ଭାଗ ନେଇଥିଲେ । ପଦଯାତ୍ରା ସମୟରେ, ମାଷ୍ଟର କ୍ୟାଂଟିନ ଛକରେ ହୁଇଲ ଚେୟାର ରଗବି ଟିମକୁ ସମ୍ବୋଧିତ କରାଯାଇଥିଲା । ଗୁରୁଦ୍ୱାରା ନିକଟରେ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିରର ଶୁଭ ଉଦଘାଟନ କରାଯାଇଥିଲା । ଏହାପରେ, ଶ୍ରୀରାମ ମନ୍ଦିର ନିକଟରେ good samaritan ମାନଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ ରାଜ୍ୟ ସରକାରଙ୍କ ଦ୍ୱାରା ସଡକ ସୁରକ୍ଷା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ । ସେ କହିଥିଲେ ଯେ, ସଡକ ସୁରକ୍ଷା ମାସ ପାଳନର ମୂଳ ଉଦ୍ଦେଶ୍ୟ ହେଉଛି ସାଧାରଣ ଲୋକଙ୍କୁ ସଚେତନ କରି ସଡକ ଦୁର୍ଘଟଣା ହ୍ରାସ କରିବା । 'ଶିକ୍ଷା'ରୁ ସୁରକ୍ଷା ଓ ପ୍ରଯୁକ୍ତିରୁ ପରିବର୍ତ୍ତନ' ଉପରେ ଗୁରୁତ୍ୱ ଦେଇ ୪ର-Education, Enforcement, Emergency care, Engineering ଉପରେ ଆଧାରିତ କାର୍ଯ୍ୟକ୍ରମ ଅନୁସରଣ କରାଯାଇଛି ବୋଲି ସେ ଉଲ୍ଲେଖ କରିଥିଲେ ।

# ଜିଲ୍ଲାରେ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ରେ ୫ଟି ପ୍ରକଳ୍ପକୁ ମଞ୍ଜୁରୀ




ଝାରସୁଗୁଡ଼ା ( ସ୍ୱ ପ୍ର) - ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ କୁଣାଲ ମୋତିରାମ ଚ଼ହ୍ୱାଣଙ୍କ ଅଧ୍ୟକ୍ଷତାରେ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ର ଜିଲ୍ଲା ସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ କୃଷି ଭିତ୍ତିକ ଶିଳ୍ପର ପ୍ରସାର ଓ ଚ଼ାଷୀଙ୍କ ଆର୍ଥିକ ମାନଦଣ୍ଡରେ ସୁଧାର ଆଣିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା କରାଯାଇଛି ।ଏହି ବୈଠକରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବିଭିନ୍ନ ପ୍ରସ୍ତାବ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚ଼ନା କରାଯାଇଥିଲା । କମିଟି ପକ୍ଷରୁ ମୋଟ ୫ଟି ନୂତନ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି ଏବଂ ସେଗୁଡ଼ିକର କାର୍ଯ୍ୟାରମ୍ଭ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ଜିଲ୍ଲାରେ କୃଷି ଉଦ୍ୟୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ସ୍ଥାନୀୟ ରୋଜଗାର ସୁଯୋଗ ସୃଷ୍ଟି ହେବ ।ଜିଲ୍ଲାର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରି ଜିଲ୍ଲାପାଳ ଶ୍ରୀ ଚ଼ହ୍ୱାଣ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି କୃଷକମାନେ ଯେପରି ସରକାରୀ ଯୋଜନାର ସୁଫଳ ସହଜରେ ପାଇପାରିବେ ଏବଂ ପ୍ରତିଟି କ୍ଷେତ୍ରରେ କିପରି ସଫଳ ରୂପାୟନ ହୋଇପାରିବ, ସେଥିପ୍ରତି ସତର୍କ ରହିବାକୁ ସେ ପରାମର୍ଶ ଦେଇଛନ୍ତି ।

ଏହି ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲ୍ଲା ବନଖଣ୍ଡ ଅଧିକାରୀ, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ, ଆପିକଲ୍ର ଜିଲ୍ଲା ପ୍ରବନ୍ଧକ, ଜିଲ୍ଲା ବ୍ୟାଙ୍କ ପ୍ରବନ୍ଧକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ନାଲକୋର ନିର୍ଦ୍ଦେଶକ (ବାଣିଜ୍ୟିକ) ଭାବେ ଶ୍ରୀ ଅନିଲ କୁମାର ସିଂହଙ୍କ ଦାୟିତ୍ୱ ଗ୍ରହଣ



ଭୁବନେଶ୍ୱର:ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲକୋ)ର ନୂତନ ନିର୍ଦ୍ଦେଶକ(ବାଣିଜ୍ୟିକ) ଭାବେ ଶ୍ରୀ ଅନିଲ କୁମାର ସିଂହ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ଶ୍ରୀ ସିଂହ ଖଣି ମନ୍ତ୍ରଣାଳୟ ଅଧୀନରେ ଥିବା ଅନ୍ୟ ଏକ ଲୋକ ଉଦ୍ୟୋଗ, ହିନ୍ଦୁସ୍ତାନ କପର ଲିମିଟେଡ(ଏଚ୍‌ସିଏଲ) ରେ ମହାପ୍ରବନ୍ଧକ(ସାମଗ୍ରୀ ଏବଂ ଚୁକ୍ତି)ଏବଂ ମହାପ୍ରବନ୍ଧକ(ମାନବ ସମ୍ବଳ) ଅତିରିକ୍ତ ଦାୟିତ୍ୱ ଭାବରେ କାର୍ଯ୍ୟ କରୁଥିଲେ ।ଶ୍ରୀ ସିଂହଙ୍କର ଧାତୁ ଶିଳ୍ପର ବାଣିଜ୍ୟିକ ବିଭାଗରେ ୩୫ ବର୍ଷରୁ ଅଧିକ ସମୟର ଅଭିଜ୍ଞତା ରହିଛି । ଶ୍ରୀ ଅନିଲ କୁମାର ସିଂହ ୧୯୯୦ ମସିହାରେ ବିଆଇଟି ସିନ୍ଦ୍ରିରୁ ଇଲେକ୍‌ଟ୍ରୋନିକ୍ସ ଏବଂ ଟେଲିକମ୍ୟୁନିକେସନ୍ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ସେ ସାମଗ୍ରୀ ପରିଚ଼ାଳନା କ୍ଷେତ୍ରରେ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରିବା ନିମନ୍ତେ ଜିଡିଏମଏମ ଡିଗ୍ରୀ ସହ, ଏମବିଏ(ସାମଗ୍ରୀ ପରିଚ଼ାଳନା) ତଥା ପିଜିଡିସିଏ ଡିଗ୍ରୀ ମଧ୍ୟ ହାସଲ କରିଛନ୍ତି । ସେ ବିଶାଖାପାଟଣାର ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ୍ (ଆରଆଇଏନଏଲ) ରେ ସାମଗ୍ରୀ ପରିଚ଼ାଳନା ବିଭାଗରେ ନିଜର କ୍ୟାରିଅର ଆରମ୍ଭ କରିଥିଲେ ।ଶ୍ରୀ ସିଂହଙ୍କ ରଣନୈତିକ ଦୃଷ୍ଟିକୋଣ ଏବଂ ଶିଳ୍ପ ବିଶେଷଜ୍ଞତା ହିନ୍ଦୁସ୍ତାନ କପର ଲିମିଟେଡର ମହତ୍ୱାକାଂକ୍ଷୀ ସମ୍ପ୍ରସାରଣ ଲକ୍ଷ୍ୟକୁ ଆଗକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଏଚ୍‌ସିଏଲରେ, ଶ୍ରୀ ସିଂହ କମ୍ପାନୀର ଉତ୍ପାଦ ମାର୍କେଟିଂ, ନୀତି ପ୍ରସ୍ତୁତି, ପ୍ରମୁଖ ସାମଗ୍ରୀ, ସେବା ଏବଂ କାର୍ଯ୍ୟ ଚୁକ୍ତିନାମା ରଣନୀତି ଏବଂ ପରିଚ଼ାଳନା, ଷ୍ଟୋରେଜ୍ ପରିଚ଼ାଳନା ଏବଂ କମ୍ପାନୀର ଉତ୍ପାଦର ଗୁଣବତ୍ତା ନିୟନ୍ତ୍ରଣ, ଯଥା କପର କନସେଣ୍ଟ୍ରେଟ୍ ପାଇଁ କାର୍ଯ୍ୟ କରିଛନ୍ତି ।

ଶ୍ରୀ ସିଂହଙ୍କ ଆରଆଇଏନଏଲ ଏବଂ ଏଚ୍‌ସିଏଲରେ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ରହି ସାମଗ୍ରୀ ପରିଚ଼ାଳନା ଏବଂ ମାର୍କେଟିଂରେ ଅଭିଜ୍ଞତା ହାସଲ କରିଛନ୍ତି । ଏହି ଦୁଇ ଉଦ୍ୟୋଗରେ ତାଙ୍କର ସେବା ସମୟରେ, ସେ ଫ୍ରଣ୍ଟଲାଇନ୍ ଅପରେସନ୍ ଏବଂ ନେତୃତ୍ୱ ଦିଗରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ । ତାଙ୍କର ବ୍ୟାପକ ବିଶେଷଜ୍ଞତା ସାମଗ୍ରୀ ପରିଚ଼ାଳନା, ଖଣି ନିମନ୍ତେ ଏମଡିଓ ଚୁକ୍ତିନାମା ଚୂଡ଼ାନ୍ତ କରିବା, ସଂଗଠନଗୁଡ଼ିକର କର୍ପୋରେଟ୍ କାର୍ଯ୍ୟାଳୟରେ ମାର୍କେଟିଂ ଏବଂ ଚୁକ୍ତିନାମା କାର୍ଯ୍ୟଗୁଡ଼ିକ ଅନ୍ତର୍ଭୁକ୍ତ । ସେ ଜେମ ମାଧ୍ୟମରେ ସର୍ବାଧିକ ସାମଗ୍ରୀ କ୍ରୟ ଏବଂ ଏମଏସଏମଇ ଲକ୍ଷ୍ୟ ପୂରଣ କରିବା ଏବଂ ଭାରତ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ନୀତି ପ୍ରସ୍ତୁତ କରିବା ନିୟୋଜିତ ଥିଲେ ।

### ଜିଲ୍ଲା ମହୋତ୍ସବ 'ଦୁଲଦୁଲି'ର ଦ୍ୱିତୀୟ ସନ୍ଧ୍ୟା

# ସମ୍ବଲପୁରୀ ପଞ୍ଚରାଶି ଠାରୁ ମହାରାଷ୍ଟ୍ରର ଲାବଣୀ ନୃତ୍ୟ




ଝାରସୁଗୁଡ଼ା ( ନି ପ୍ର) : ଜିଲ୍ଲା ମହୋତ୍ସବ 'ଦୁଲଦୁଲି'ର ଦ୍ୱିତୀୟ ସନ୍ଧ୍ୟା ସ୍ଥାନୀୟ କଳା ଓ ସଂସ୍କୃତିର ଏକ ଅନନ୍ୟ ସମାଗମ ପାଲଟିଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ୍ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବେଦାନ୍ତ ଲିମିଟେଡର ଡେପୁଟି ସିଇଓ ଆଶିଷ ଦ୍ୱିବେଦୀ, ପୌରପାଳିକା ଅଧ୍ୟକ୍ଷା ରାଣୀ ହାତୀ, କୋଲାବିରା ବ୍ଲକ ଅଧ୍ୟକ୍ଷ ଭୋଜରାଜ ପଟେଲ ଏବଂ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଉପସ୍ଥିତ ଥିଲେ । ଏହି ଅବସରରେ ଶିଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ ଲିମିଟେଡ'ର ବରିଷ୍ଠ ଉପ-ସଭାପତି ଅଜିତ ସିଂହ ଏବଂ ଝାରସୁଗୁଡ଼ା 'ଅଲ୍ଟ୍ରାଟେକ୍ ସିମେଣ୍ଟ ଲିମିଟେଡ'ର ୟୁନିଟ୍ ହେଡ୍ ପୁରୁଷୋତ୍ତମ ଭେମୁରୀଙ୍କୁ ଉତ୍ସବ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା ।

ସାଂସ୍କୃତିକ ମଞ୍ଚରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାରମାନେ ନିଜର ଚ଼ିତ୍ତାକର୍ଷକ କଳା ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ବିମଳ ବିଭାରଙ୍କ ନେତୃତ୍ୱରେ 'ମା' ବୈଷ୍ଣବୀ ସାଂସ୍କୃତିକ ଅନୁଷ୍ଠାନ' ଦ୍ୱାରା ସମ୍ବଲପୁରୀ ପଞ୍ଚରାଶି ନୃତ୍ୟରୁ ହୋଇଥିଲା । ଏହାପରେ ଶ୍ରୀମତୀ ରୂପଶ୍ରୀ ମହାପାତ୍ରଙ୍କ ଦ୍ୱାରା ମାହାରୀ ନୃତ୍ୟ ଏବଂ ସତ୍ୟବାନ ମାଝୀଙ୍କ 'ସୁରଭି କଳା ପରିଷଦ' ଦ୍ୱାରା ଘୁଡୁକା ଲୋକ ନୃତ୍ୟ ପରିବେଷଣ କରାଯାଇଥିଲା । ଭୁବନେଶ୍ୱରର 'ରୁଦ୍ରାକ୍ଷ ଫାଉଣ୍ଡେସନ' ପକ୍ଷରୁ ସମୁଦ୍ର ମନ୍ଥନର ଦୃଶ୍ୟ ମଞ୍ଚସ୍ଥ ହୋଇଥିବା ବେଳେ, ମହାରାଷ୍ଟ୍ରରୁ ଆସିଥିବା 'ଅଦ୍ୱୈତ କଳାମଞ୍ଚ ସଂସ୍ଥାନ' ଲାବଣୀ ଓ କୋଲି ନୃତ୍ୟ ମାଧ୍ୟମରେ ଦର୍ଶକଙ୍କୁ ବିମୋହିତ କରିଥିଲେ । ବାରାଣାସୀର ମୋନୁ ମହାରାଜଙ୍କ ଶିବ ବିବାହ ଏବଂ ଝାରସୁଗୁଡାର 'ଧରଣୀଧର ସଙ୍ଗୀତ ପରିଷଦ'ର ଦୁଲଦୁଲି ନୃତ୍ୟ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାଜିଥିଲା । ଏଥିସହିତ ହରିୟାଣାରୁ ଆସିଥିବା ମନୋଜ ଜାଲେଙ୍କ 'ଫାଗ' ନୃତ୍ୟ, ଗଞ୍ଜାମର ରଣପା ଏବଂ କଳାହାଣ୍ଡିର 'ନୃତ୍ୟ ସାଗର ସାଂସ୍କୃତିକ ଅନୁଷ୍ଠାନ' ଦ୍ୱାରା ଘୁମୁରା ନୃତ୍ୟ ପରିବେଷିତ ହୋଇଥିଲା । ଏହିପରି ଭାବରେ ଦ୍ୱିତୀୟ ଦିନର ସାଂସ୍କୃତିକ ସନ୍ଧ୍ୟା ବିଭିନ୍ନ ରାଜ୍ୟର କଳା ଓ ସଂସ୍କୃତିର ମିଳନସ୍ଥଳ ପାଲଟିଥିଲା । ଶେଷରେ ଜିଲ୍ଲା ସୂଚ଼ନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିୟାରସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# ସେଲ୍ କର୍ମଚ଼ାରୀ ପୁରସ୍କୃତ




ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ନୂତନ ପ୍ଲେଟ୍ ମିଲ୍ ବିଭାଗର ସମ୍ମିଳନୀ କକ୍ଷରେ ଜାନୁଆରୀ ୩ ତାରିଖରେ ଏକ ପୁରସ୍କାର ବିତରଣ ସମାରୋହ ଆୟୋଜନ କରାଯାଇଥିଲା । ଏହି ସମାରୋହରେ ଏନପିଏମ, ଏସପିପି ଏବଂ ଡିଜିଟାଲାଇଜେସନ୍ ବିଭାଗର ସିଜିଏମ ଶ୍ରୀ ଆର କେ ମୁଦୁଲି ଅଧ୍ୟକ୍ଷତା କରିବା ସହିତ ସେଲ୍ ସାବାସ ଯୋଜନା ଅଧୀନରେ ଏନପିଏମ ବିଭାଗର ଅଧିକାରୀଙ୍କ ସମେତ ୨୮ ଜଣ କର୍ମଚ଼ାରୀଙ୍କୁ ପୁରସ୍କୃତ କରିଥିଲେ । ଏହି ଅବସରରେ ଅପରେସନ ବିଭାଗର ଜିଏମ ଶ୍ରୀ ନୀଳମଣି ମହାପାତ୍ର, ମେକାନିକାଲ ବିଭାଗର ଜିଏମ ଶ୍ରୀ ଏସ ସୁଧାକର, ଅପରେସନ୍ସ ବିଭାଗର ଜିଏମ, ଶ୍ରୀ ଏନ ଆର ହାଲଦର, ଇଲେକଟ୍ରିକାଲ ବିଭାଗର ଡିଜିଏମ ଶ୍ରୀ ଅମିତ ରାଓ୍ୱତ ତଥା ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ପୁରସ୍କାର ବିଜେତା ମାନଙ୍କୁ ଅଭିନନ୍ଦନ ଜଣାଇ, ଶ୍ରୀ ମୁଦୁଲି ସେମାନଙ୍କର ଉତ୍ସର୍ଗ ଏବଂ ପ୍ରତିବଦ୍ଧତାକୁ ପ୍ରଶଂସା କରିବା ସହିତ ସାଂଗଠନିକ ଲକ୍ଷ୍ୟ ହାସଲ କରିବା ଦିଗରେ ନିରନ୍ତର ଅଭିବୃଦ୍ଧି, ଦଳଗତ କାର୍ଯ୍ୟ ଏବଂ ଉତ୍କର୍ଷତାର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କର୍ମଚ଼ାରୀମାନଙ୍କୁ ଉଚ୍ଚ କାର୍ଯ୍ୟଦକ୍ଷତା ମାନଦଣ୍ଡ ପାଇଁ ନିରନ୍ତର ପ୍ରୟାସ ଜାରି ରଖିବା ସହିତ କାରଖାନାର ସଫଳତାରେ ସକ୍ରିୟ ଯୋଗଦାନ ଦେବାକୁ ଉତ୍ସାହିତ କରିଥିଲେ । ପୁରସ୍କାର ବିଜେତା ମାନଙ୍କୁ ବିଭିନ୍ନ ପ୍ରମୁଖ ଅଭିନବ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଥିଲା । ସେଗୁଡିକ ହେଉଛି ରିହିଟିଂ ଫର୍ଣ୍ଣେସର ଚ଼ାର୍ଜିଂ ସାଇଡ୍ ଲିଣ୍ଟେଲ୍ ବିମ୍ ପ୍ରଥମ ଥର ପାଇଁ ବଦଳ, ଫିନିସିଂ ମିଲର ଅପରେଟର ସାଇଡ୍ ଏଚ଼ଏଜିସି ସିଲିଣ୍ଡର ପ୍ରଥମ ଥର ପାଇଁ ବଦଳ ତଥା କମିଶନିଂ, ଏନପିଏମ ବିଭାଗର ମୁଖ୍ୟ ମୋଟରଗୁଡ଼ିକର ଲୁବ୍ରିକେସନ୍ ସର୍କିଟ୍ ସଫା ଏବଂ ସମୟାନୁସାରେ ରିଫିଲିଂ କାର୍ଯ୍ୟ ସହିତ ଅଭିନବ ପଦ୍ଧତି ଅବଲମ୍ବନ, ଫିନିସିଂ ଲାଇନରେ ଏବିବି ଏଲ -୧ ବ୍ୟବସ୍ଥାର ଉନ୍ନତୀକରଣରେ ନିର୍ବିଘ୍ନ ଏବଂ ସମୟାନୁସାରେ ସମାପ୍ତି, ସ୍କ ?ଲ୍ ପିଟ୍ କ୍ରେନ୍ ଟ୍ରଲିର ସକ୍ରିୟ ମନିଟରିଂ ତଥା ସଫଳ କମିଶନିଂ, ଯାନ୍ତ୍ରିକ ସ୍କେଲ୍ ଚ଼୍ୟାନେଲ୍ ସଫେଇର ପ୍ରଥମ ଥର କାର୍ଯ୍ୟର ସଫଳ କାର୍ଯ୍ୟାନ୍ୱୟନ ।

# ହିତାଧିକାରୀଙ୍କ ଇ-କେଓ୍ୱାଇସି ଅବଧି ଫେବୃଆରୀ ପର୍ଯ୍ୟନ୍ତ ବୃଦ୍ଧି




ଭୁବନେଶ୍ୱର ( ସ୍ୱ ପ୍ର) : ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନସ୍ଥ ସମସ୍ତ ହିତାଧିକାରୀ ମାନଙ୍କ ଆଧାର ଭିତ୍ତିକ ଇ-କେଓ୍ୱାଇସି କରିବା ପ୍ରକ୍ରିୟାର ଅବଧି ବୃଦ୍ଧି କରାଯାଇଛି । ଏହି ଅବଧିକୁ ରାଜ୍ୟ ସରକାର ଆସନ୍ତା ୨୦୨୬ ଫେବୃଆରୀ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ହିତାଧିକାରୀମାନେ ସେମାନଙ୍କ ଆଧାର ସଂଯୁକ୍ତ ଇ-କେଓ୍ୱାଇସି ରାଜ୍ୟର ସାଧରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ) ଅନ୍ତର୍ଗତ ସମସ୍ତ ୧୧,୭୨୫ ଖାଉଟି ସୁଲଭ ମୂଲ୍ୟ ଦୋକାନ ତଥା ୩୧୪ଟି ବ୍ଲକ ଓ ୬୪ ଟି ପୌରାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ରାସନ କାର୍ଡ଼ ପରିଚ଼ାଳନା କେନ୍ଦ୍ର ଗୁଡ଼ିକରେ କରିପାରିବେ ।

ଏତଦବ୍ୟତୀତ କୌଣସି କାରଣ ବଶତଃ ଅଦ୍ୟାବଧି ଇ-କେଓ୍ୱାଇସି କରି ପାରିନଥିବା ହିତାଧିକାରୀ ମାନଙ୍କୁ ପ୍ରତ୍ୟେକ ମାସର ପିଡ଼ିଏସ ସାମଗ୍ରୀ ପୂର୍ବବତ ଆବଣ୍ଟିତ କରାଯାଉଛି । କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ଇ-କେଓ୍ୱାଇସି ହୋଇନଥିବା କାରଣରୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ କରାଯାଇନାହିଁ । ଆସନ୍ତା ଫେବୃଆରୀ ମାସ ସୁଦ୍ଧା ନିକଟସ୍ଥ ଖାଉଟି ସୁଲଭ ମୂଲ୍ୟ ଦୋକାନ କିମ୍ବା ରାସନ କାର୍ଡ଼ ପରିଚ଼ାଳନା କେନ୍ଦ୍ରକୁ ଯାଇ ଆଧାର ସଂଯୁକ୍ତ ଇ-କେଓ୍ୱାଇସି କରାଇ ନେବାକୁ ସମ୍ପୃକ୍ତ ହିତାଧିକାରୀ ମାନଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

# ଓଡ଼ିଶାରେ ବକ୍ସାଇଟ୍ ସନ୍ଧାନ ଏବଂ ଅନୁସନ୍ଧାନ ପାଇଁ ସାଟେଲାଇଟ୍-ଆଧାରିତ ପ୍ରଯୁକ୍ତିବିଦ୍ୟା ବିକାଶ ପାଇଁ ଆଇଆଇଟି ଭୁବନେଶ୍ୱର ପୁରସ୍କୃତ

ଭୁବନେଶ୍ୱର :ଚ଼ତୁର୍ଥ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଆନ୍ତର୍ଜାତୀୟ ସମ୍ମିଳନୀ ୨୦୨୬ରେ ଜର୍ଣ୍ଣାଲ ଅଫ୍ ଜିଓକେମିକାଲ୍ ଏକ୍ସପ୍ଲୋରେସନ୍‌ରେ ପ୍ରକାଶିତ ଓଡ଼ିଶାରେ ବକ୍ସାଇଟ୍ ପ୍ରୋସ୍ପେକ୍ଟିଂ ଏବଂ ଅନୁସନ୍ଧାନ ପାଇଁ ସାଟେଲାଇଟ୍-ଆଧାରିତ ପ୍ରଯୁକ୍ତିବିଦ୍ୟା ବିକାଶ ପାଇଁ ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର ସହାୟକ ପ୍ରଫେସର ଡକ୍ଟର ଅଶିମ ସତ୍ତାରଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଶିଳ୍ପ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ଶ୍ରୀ ସମ୍ପଦ ସ୍ୱାଇଁ ଯୋଗ ଦେଇଥିଲେ ।

ଡକ୍ଟର ଅଶିମ ସତ୍ତାର ଏବଂ ତାଙ୍କ ଗବେଷଣା ଦଳ ଉନ୍ନତ ହାଇପରସ୍ପେକ୍ଟ୍ରାଲ୍ ସାଟେଲାଇଟ୍ ରିମୋଟ୍ ସେନ୍ସିଂ ବ୍ୟବହାର କରି ଓଡ଼ିଶାର କୋରାପୁଟ ଏବଂ ରାୟଗଡ଼ା ଜିଲ୍ଲାରେ ଆଞ୍ଚଳିକ ସ୍ତରରେ ସମ୍ଭାବ୍ୟ ବକ୍ସାଇଟ୍ ଜମା ସ୍ଥାନଗୁଡ଼ିକୁ ସଫଳତାର ସହ ଚ଼ିହ୍ନଟ କରିଛନ୍ତି । ଏହି ଅଧ୍ୟୟନରେ ହାଇପରସ୍ପ ?କ୍ଟ୍ରାଲ୍ ସାଟେଲାଇଟ୍ ତଥ୍ୟ, କ୍ଷେତ୍ର ସର୍ବ ?କ୍ଷଣ, ଭୂରାସାୟନିକ ଏବଂ ପେଟ୍ରୋଗ୍ରାଫିକ୍ ମୂଲ୍ୟାୟନ ଏବଂ ପରୀକ୍ଷାଗାର ବର୍ଣ୍ଣାଳୀ ଅଧ୍ୟୟନକୁ ଏକୀକୃତ କରାଯାଇଥିଲା । ଏକତ୍ର, ଏହି କୌଶଳଗୁଡ଼ିକ ସମ୍ଭାବ୍ୟ ବକ୍ସାଇଟ୍ ଜମାର ପ୍ରଥମ-କ୍ରମ ମ୍ୟାପିଂ ପାଇଁ ଏକ ଦୃଢ଼ ଢାଞ୍ଚା ପ୍ରଦାନ କରେ । ଏହି ଅଗ୍ରଣୀ ଅଧ୍ୟୟନ ଓଡ଼ିଶାରେ ବକ୍ସାଇଟ୍ ଜୋନ୍ ?ଗୁଡ଼ିକର ପ୍ରଥମ ବଡ଼-ସ୍ତରର ରିମୋଟ୍ ସେନ୍ସିଂ-ଆଧାରିତ ମୂଲ୍ୟାଙ୍କନକୁ ଚ଼ିହ୍ନିତ କରେ ।

ଆଲୁମିନିୟମର ପ୍ରାଥମିକ ଖଣିଜ ବକ୍ସାଇଟ୍, ମହାକାଶ, ନିର୍ମାଣ ଏବଂ ପ୍ୟାକେଜିଂ ଭଳି ଶିଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ । କ୍ରେଡିଟ୍ ସୁଇସ୍ ଦ୍ୱାରା ବିଶ୍ୱ ଆଲୁମିନିୟମ ବଜାରରେ ୨୦୩୦ ସୁଦ୍ଧା ଯୋଗାଣ ଅଭାବର ସମ୍ମୁଖୀନ ହେବାର ଆକଳନ କରାଯାଇଥିବାରୁ, ଏକ ସ୍ଥିର ଘରୋଇ ଯୋଗାଣ ସୁନିଶ୍ଚିତ କରିବା ଭାରତ ପାଇଁ ଏକ ରଣନୈତିକ ପ୍ରାଥମିକତା ପାଲଟିଛି । ଓଡ଼ିଶାରେ ଆନୁମାନିକ ୨.୩ ବିଲିୟନ ଟନ୍ ବକ୍ସାଇଟ୍ ସଂରକ୍ଷଣ ଅଛି, ଯାହା ଭାରତର ମୋଟ ସମ୍ବଳର ୫୦% ରୁ ଅଧିକ । ତଥାପି, ଏହି ଖଣିଜର ଅଧିକାଂଶ ପୂର୍ବଘାଟର ଆହ୍ୱାନମୂଳକ ଭୂଖଣ୍ଡରେ ଅବସ୍ଥିତ, ଯାହା ପାରମ୍ପରିକ ଅନୁସନ୍ଧାନକୁ ସମୟସାପେକ୍ଷ, ମହଙ୍ଗା ଏବଂ ପରିବେଶଗତ ଭାବରେ ଜଟିଳ କରିଥାଏ ।

ହାଇପରସ୍ପ ?କ୍ଟ୍ରାଲ୍ ଇମେଜିଂ ବ୍ୟବହାର କରି, ଆଇଆଇଟି ଭୁବନେଶ୍ୱର ଦଳ ଓଡ଼ିଶାର ଦୁଇଟି ଜିଲ୍ଲାରେ ସମ୍ଭାବ୍ୟ ବକ୍ସାଇଟ୍-ବାହକ କ୍ଷେତ୍ରଗୁଡ଼ିକୁ ଚ଼ିହ୍ନଟ କରିବା ପାଇଁ ପୃଥିବୀ ସାମଗ୍ରୀର ବିଦ୍ୟୁତ୍-ଚୁମ୍ବକୀୟ ପ୍ରତିକ୍ରିୟାର ଏକ ସ୍ୱତନ୍ତ୍ର ଢାଞ୍ଚା, ଯାହା ବର୍ଣ୍ଣାଳୀ ହସ୍ତାକ୍ଷର ଧାରଣାକୁ ବ୍ୟବହାର କରିଥିଲେ । ଏହି କୌଶଳ ଓଡ଼ିଶା ଏବଂ ବାହାରେ ସ୍ଥାୟୀ ଖଣିଜ ଅନୁସନ୍ଧାନକୁ ସମର୍ଥନ କରିବା ପାଇଁ ଏକ କମ ଖର୍ଚ୍ଚ, ଦ୍ରୁତ ଏବଂ ପରିବେଶ ଅନୁକୂଳ ପଦ୍ଧତି ପ୍ରଦାନ କରିପାରିବ ।

ଏହି ନିଷ୍କର୍ଷଗୁଡ଼ିକ ଖଣି ଶିଳ୍ପ ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ସମ୍ଭାବ୍ୟ ବକ୍ସାଇଟ୍ ଅନୁସନ୍ଧାନ କ୍ଷେତ୍ର ଚ଼ିହ୍ନଟ, ସମ୍ବଳକୁ ଉନ୍ନତ କରିବା ଏବଂ ପରିବେଶଗତ ପ୍ରଭାବକୁ ହ୍ରାସ କରିବାରେ ସହାୟତା କରିବ ବୋଲି ଆଶା କରାଯାଉଛି । ଏହି ପଦକ୍ଷେପ ଓଡ଼ିଶାରେ ପରବର୍ତ୍ତୀ ପିଢ଼ିର ଖଣିଜ ମ୍ୟାପିଂ ଏବଂ ସ୍ଥାୟୀ ସମ୍ବଳ ପରିଚ଼ାଳନା ପାଇଁ ମୂଳଦୁଆ ସ୍ଥାପନ କରେ ।

# ‘ସୋମନାଥ ସ୍ୱାଭିମାନ ପର୍ବ’ ପାଳନ ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀଙ୍କ ବୈଠକ

ନୂଆଦିଲ୍ଲୀ/ଭୁବନେଶ୍ୱର :ସୋମନାଥ ମନ୍ଦିର ଉପରେ ହୋଇଥିବା ପ୍ରଥମ ଆକ୍ରମଣର୧୦୦୦ ବର୍ଷ ପୂର୍ତ୍ତିଅବସରରେସୋମନାଥ ସ୍ୱାଭିମାନ ପର୍ବ ପାଳନ ହେଉଛି । ଏହି ପରିପ୍ରେକ୍ଷୀରେ ଦଳୀୟ ନେତୃତ୍ୱ, ମଣ୍ଡଳ ସଭାପତି, ପଦାଧିକାରୀ ଏବଂ କାର୍ଯ୍ୟକର୍ତ୍ତାମାନଙ୍କ ସହ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚ଼ନା କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।



ଶ୍ରୀ ପ୍ରଧାନ କହିଛନ୍ତି, ୧୦୨୬ ମସିହାରେ ସୋମନାଥ ମନ୍ଦିର ଉପରେ ହୋଇଥିବା ପ୍ରଥମ ଆକ୍ରମଣର୧୦୦୦ ବର୍ଷ ପୂର୍ତ୍ତିଅବସରରେ‘ସୋମନାଥ ସ୍ୱାଭିମାନ ପର୍ବ’ଅନୁଷ୍ଠିତ ହେଉଛି ।ସୋମନାଥ ସ୍ୱାଭିମାନ ପର୍ବଭାରତୀୟ ସଭ୍ୟତାର ଅଦମ୍ୟ ସାହସ ଓ ନିରନ୍ତରତାକୁ ପ୍ରଦର୍ଶନ କରୁଛି ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଠାରୁ ଦୁଇ ଦିନ ଗୁଜରାଟର ସୋମନାଥ ଗସ୍ତ କରିବା ସହ ‘ସୋମନାଥ ସ୍ୱାଭିମାନ ପର୍ବ’ରେ ଅଂଶଗ୍ରହଣ କରିବେ ।ପ୍ରଧାନମନ୍ତ୍ରୀ ସୋମନାଥ ମନ୍ଦିରରେଓଁକାର ମନ୍ତ୍ର ଜପକାର୍ଯ୍ୟକ୍ରମରେ ସାମିଲ ହେବେ । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଭାରତର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଐତିହ୍ୟକୁ ସଂରକ୍ଷିତ ରଖିବା ଏବଂ ସମୃଦ୍ଧ କରିବା ପାଇଁ ତାଙ୍କର ପ୍ରତିବଦ୍ଧତାକୁ ଦର୍ଶାଉଛି ।ଏହି ପରିପ୍ରେକ୍ଷୀରେ ଓଡ଼ିଶାର ସମସ୍ତ ଶୈବପୀଠରେ ଦଳର ସମସ୍ତ କାର୍ଯ୍ୟକର୍ତ୍ତାମାନେ ନିକଟସ୍ଥ ଶିବ ମନ୍ଦିର ଯାଇ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିବେ ଏବଂ ଦୀପ ପ୍ରଜ୍ୱଳନ କରିବେ। ବାବା ସୋମନାଥ ମନ୍ଦିରର ଇତିହାସ ସମ୍ପର୍କରେ ମାନ୍ୟବର ପ୍ରଧାନମନ୍ତ୍ରୀ ମୋଦୀଙ୍କ ଲିଖିତ ଆଲେଖ୍ୟର ପ୍ରଚ଼ାର ପ୍ରସାର କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି । ସେହିପରି ଜାତୀୟ ଶିକ୍ଷା ନୀତିରେ ମାକାଉଲେଙ୍କ ଦାସତ୍ୱ ମାନସିକତାରୁ ମୁକ୍ତ ହେବା ପାଇଁ ସାମୂହିକ ଉଦ୍ୟମ କରିବା ପାଇଁ ସେ ପରାମର୍ଶ ଦେଇଥିଲେ ।

# ଭିକାରିମୁକ୍ତ ହୋଇପାରିଲାନି ରାଜଧାନୀ

ଭୁବନେଶ୍ୱର: ଭିକାରିମୁକ୍ତ ରାଜ୍ୟ ଗଠନ ଲକ୍ଷ୍ୟରେ ରାଜ୍ୟ ସରକାର ସହାୟ କାର୍ଯ୍ୟକ୍ରମ ଅଧୀନରେ ପ୍ରଥମ କରି ‘ଏକାମ୍ର ନିଳୟ’, ‘ନୀଳାଦ୍ରି ନୀଳୟ’ ଭଳି ଯୋଜନା ଆରମ୍ଭ କଲେ। ରାଜ୍ୟରେ ପ୍ରଥମ କରି ୨୦୨୧ ମସିହାରେ ଭିକାରିମୁକ୍ତ ସହର ଗଠନ ଲକ୍ଷ୍ୟରେ ରାଜଧାନୀ ଭୁବନେଶ୍ୱରରେ ‘ଏକାମ୍ର ନିଳୟ’ ଓ ଶ୍ରୀକ୍ଷେତ୍ର ପୁରୀରେ ‘ନୀଳାଦ୍ରି ନିଳୟ’ ଯୋଜନା ଆରମ୍ଭ ହେଲା। ଏଥିପାଇଁ ବିଭିନ୍ନ ଏଜେନ୍ସି, ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ନିୟୋଜିତ କରାଗଲା। ଏହି ଯୋଜନାରେ ଏଜେନ୍ସି, ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ



ଆର୍ଥିକ ସହାୟତା ବି ଯୋଗାଇ ଦିଆଗଲା। ତଥାପି ରାଜଧାନୀ ଭୁବନେଶ୍ୱର ଭିକାରିମୁକ୍ତ ହୋଇପାରିନି। ବିଭିନ୍ନ ଟ୍ରାଫିକ୍ ଛକ, ହାଟ, ମନ୍ଦିର ଆଗରେ ବସି ଉଭୟ ମହିଳା, ପୁରୁଷମାନେ ଭିକ୍ଷାବୃତ୍ତି କରୁଛନ୍ତି। ସବୁଠୁ ଚ଼ିନ୍ତାଜନକ କଥା ହେଉଛି, ଏମାନେ କୁନି କୁନି ପିଲାଙ୍କୁ ଭିକ୍ଷାବୃତ୍ତିରେ ଲଗାଉଛନ୍ତି। ଯେଉଁମାନେ ଭିକ୍ଷାଥାଳ ଧରି ରୁପାଲି, ରାମମନ୍ଦିର ଛକ, କଳ୍ପନା ଛକ, ରାଜମହଲ ଛକ ଭଳି ପ୍ରମୁଖ ସ୍ଥାନରେ ଭିକ ମାଗୁଛନ୍ତି।

‘ଏକାମ୍ର ନିଳୟ’ ଯୋଜନାରେ ରାଜଧାନୀ ଭୁବନେଶ୍ୱରରୁ ଉଦ୍ଧାର ହେଉଥିବା ଭିକାରି ଓ ଅନ୍ୟ ଅସହାୟଙ୍କ ପାଇଁ ରଙ୍ଗବଜାର, ଅନ୍ଧାରୁଆ, କାନନବିହାର ଆଦି ସ୍ଥାନରେ ୬ଟି ଭିକାରି ଥଇଥାନ କେନ୍ଦ୍ର ଖୋଲାଯାଇଛି । ଯେଉଁଠି ବୟସ୍କ ଭିକାରି, ମହିଳା ଓ ଶିଶୁ ଭିକାରି, ଭିନ୍ନକ୍ଷମ ଭିକାରି, ବିକୃତ ମାନସିକ ଓ ଦୁର୍ବଳ ମାନସିକ ବ୍ୟକ୍ତିଙ୍କୁ ଅଲଗା ଅଲଗା ଥଇଥାନ କେନ୍ଦ୍ରରେ ରଖାଯାଉଛି। ପ୍ରତି କେନ୍ଦ୍ରରେ ୧୦୦ଜଣଙ୍କୁ ଥଇଥାନର ବ୍ୟବସ୍ଥା କରାଯାଇଛି। ବିଏମ୍‌ସି ପକ୍ଷରୁ ‘ଏକାମ୍ର ନିଳୟ’ ଯୋଜନାରେ ଭିକାରିଙ୍କୁ ଉଦ୍ଧାର ଓ ଥଇଥାନ ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କୁ ନିୟୋଜିତ କରାଯାଇଛି। ଥଇଥାନ କେନ୍ଦ୍ରରେ ଭିକାରିଙ୍କ ରହିବା, ଖାଇବା ଆଦି ପାଇଁ ମୁଣ୍ଡପିଛା ପ୍ରାୟ ୪ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯାଉଛି। ଥଇଥାନ କେନ୍ଦ୍ରକୁ ଆସୁଥିବା ଭିକାରିମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ସିଲେଇ ଓ ଅନ୍ୟାନ୍ୟ ପ୍ରଶିକ୍ଷଣ ଦିଆଯାଉଛି। ପ୍ରଶିକ୍ଷଣ ଦେବାକୁ ନିର୍ଦ୍ଦିଷ୍ଟ ସ୍ୱେଚ୍ଛାସେବୀ ସଂସ୍ଥା ନିୟୋଜିତ ହୋଇଛନ୍ତି। ଏ ବାବଦରେ ବି ବିଏମ୍‌ସି ଟଙ୍କା ଗଣୁଛି।

# ଇସିଏମଏସ ଯୋଜନା ଫଳରେ ଘରୋଇ ଚ଼ାହିଦାର ଏକ ବଡ଼ ଅଂଶ ସ୍ୱଦେଶୀ ଉପାୟରେ ପୂରଣ ହୋଇପାରିବ :କେନ୍ଦ୍ର ମନ୍ତ୍ରୀ ଅଶ୍ୱିନ

ନୂଆଦିଲ୍ଲୀ, (ପିଆଇବି):ଭାରତ ସରକାରଙ୍କ ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚ଼ନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଇଲେକ୍‌ଟ୍ରୋନିକ୍ସ ଉପକରଣ ଉତ୍ପାଦନ ଯୋଜନା (ଇସିଏମଏସ) ଅଧୀନରେ ଆହୁରି ୨୨ଟି ପ୍ରସ୍ତାବକୁ ଅନୁମୋଦନ କରିଛି। ଏହାଦ୍ୱାରା ୪୧,୮୬୩ କୋଟି ଟଙ୍କା ନିବେଶ ସହିତ




୨,୫୮,୧୫୨ କୋଟି ଟଙ୍କା ଉତ୍ପାଦନ ହେବ ବୋଲି ଆକଳନ କରାଯାଇଛି। ଏହି ଅନୁମୋଦନ ଆନୁମାନିକ ୩୩,୭୯୧ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏଥିପୂର୍ବରୁ ମନ୍ତ୍ରଣାଳୟ ୧୨,୭୦୪ କୋଟି ଟଙ୍କାର ୨୪ଟି ପ୍ରକଳ୍ପକୁ ମଞ୍ଜୁର କରିଥିଲା।

ଏହି ଅନୁମୋଦନଗୁଡ଼ିକ ମଧ୍ୟରେ ୧୧ଟି ଲକ୍ଷ୍ୟ ଆଧାରିତ କ୍ଷେତ୍ର ଉତ୍ପାଦର ନିର୍ମାଣ ସାମିଲ ରହିଛି। ଏସବୁ ସାମଗ୍ରୀ ମୋବାଇଲ୍ ଉତ୍ପାଦନ, ଦୂରସଞ୍ଚାର, ଉପଭୋକ୍ତା ଇଲେକ୍‌ଟ୍ରୋନିକ୍ସ, ରଣନୀତିକ ଇଲେକ୍‌ଟ୍ରୋନିକ୍ସ, ଅଟୋମୋଟିଭ୍ ଏବଂ ଆଇଟି ହାର୍ଡୱେର୍ ଉତ୍ପାଦ ବିଭିନ୍ନ କ୍ଷେତ୍ରରେ ପ୍ରୟାସ କରାଯିବ। ଏସବୁ ୧୧ଟି ଉତ୍ପାଦଗୁଡିକ ହେଲା: ପିସିବି, କାପାସିଟର, କନେକ୍ଟର, ଏନକ୍‌ଲୋଜର୍ ଏବଂ ଲି-ଆୟନ ସେଲ ଭଳି ୫ଟି ଉପାଦାନ। କ୍ୟାମେରା ମଡ୍ୟୁଲ, ଡିସପ୍ଲେ ମଡ୍ୟୁଲ ଏବଂ ଅପ୍ଟିକାଲ ଟ୍ରାନ୍ସିଭର ଭଳି ୩ଟି ସବ୍ ଆସେମ୍ବ୍ଲି, ଆଲୁମିନିୟମ ଏକ୍ସଟ୍ରର୍ସନ, ଆନୋଡ୍ ମ୍ୟାଟେରିଆଲ ଏବଂ ଲାମିନେଟ୍ (କପର୍ କ୍ଲାଡ୍) ଭଳି ୩ଟି ସପ୍ଲାଇ ଚେନ୍।

ଇଲେକ୍‌ଟ୍ରୋନିକ୍ସ ଉପକରଣ ଉତ୍ପାଦନ ଯୋଜନାରେ ପ୍ରତିଷ୍ଠା ହେବାକୁ ଥିବା ଏହି ୟୁନିଟଗୁଡିକ ଆନ୍ଧ୍ରପ୍ରଦେଶ, ହରିୟାଣା, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, ଉତ୍ତରପ୍ରଦେଶ ଏବଂ ରାଜସ୍ଥାନରେ ପ୍ରତିଷ୍ଠା କରାଯିବ।

# ଅଚ୍ୟୁତ ସାମନ୍ତ ଭାରତୀୟ ଭଲିବଲ୍ ସଂଘ ମୁଖ୍ୟ ପୃଷ୍ଠପୋଷକ

ଭୁବନେଶ୍ୱର : ବାରାଣସୀରେ ୭୨ତମ ବରିଷ୍ଠ ଜାତୀୟ ଭଲିବଲ୍ ଚ଼ାମ୍ପିଅନସିପ୍ ୨୦୨୬କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସୋମବାର ଭାରତୀୟ ଭଲିବଲ୍ ସଂଘ (ଭିଏଫ୍‌ଆଇ)ର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶର ସବୁ



ରାଜ୍ୟରେ ଥିବା ଭଲିବଲ୍ ସଂଘର ସଭାପତି, ସମ୍ପାଦକ ଓ ଅନ୍ୟାନ ସଦସ୍ୟମାନେ ଉପସ୍ଥିତ ଥିଲେ। ଏଥିରେ ସର୍ବସମ୍ମତି କ୍ରମେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଭିଏଫ୍ ଆଇର ମୁଖ୍ୟ ପୃଷ୍ଠପୋଷକ ମନୋନୀତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଶା ଭଲିବଲ୍ ସଂଘର ସଭାପତି ଅଚ୍ୟୁତ ସାମନ୍ତ ଓ ସମ୍ପାଦକ ଡ ଗଗନେନ୍ଦୁ ଦାଶ ନିମନ୍ତ୍ରଣ ପାଇଥିଲେ। କିନ୍ତୁ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ଏହି କାର୍ଯ୍ୟକ୍ରମରେ ସେମାନେ ଯୋଗଦେଇ ପାରିନଥିଲେ। ତେବେ ଭିଏଫ୍‌ଆଇର ସଭାପତି ଓ ସମ୍ପାଦକ ଶ୍ରୀ ସାମନ୍ତଙ୍କୁ ଟେଲିଫୋନ୍ ଯୋଗେ ଯୋଗାଯୋଗ କରିଥିଲେ। ଶ୍ରୀ ସାମନ୍ତଙ୍କ ସମ୍ମତି ପରେ ସଂଘ ପକ୍ଷରୁ ତାଙ୍କୁ ମୁଖ୍ୟ ପୃଷ୍ଠପୋଷକ ମନୋନୀତ କରାଯାଇଥିଲା। କ୍ରୀଡା କ୍ଷେତ୍ରକୁ ବ୍ୟାପକ ଅବଦାନ ବିଶେଷ କରି ଭଲିବଲ୍ କ୍ଷେତ୍ରରେ ଯୋଗଦାନ ପାଇଁ ତାଙ୍କୁ ମୁଖ୍ୟ ପୃଷ୍ଠପୋଷକ ଭାବେ ମନୋନୀତ କରାଯାଇଛି । ଆସନ୍ତା ୪ବର୍ଷ ପାଇଁ ଶ୍ରୀ ସାମନ୍ତ ମୁଖ୍ୟ ପୃଷ୍ଠପୋଷକ ରହିବେ। ଏହି ପରିପ୍ରେକ୍ଷୀରେ ଜାତୀୟ ଯୁବ ଭଲିବଲ୍ ଚ଼ାମ୍ପିୟନ୍‌ସିପ୍ କିଟ୍‌ରେ ଆୟୋଜନ କରାଯିବା ନେଇ ଏହି ବୈଠକରେ ଅନୁମୋଦନ କରାଯାଇଥିଲା।ଏହି ଅବସରରେ ଅନ୍ତର୍ଜାତୀୟ ଭଲିବଲ୍ ସଂଘ (ଏଫ୍‌ଆଇଭିବି) ପକ୍ଷରୁ ଗ୍ରାଣ୍ଡ କ୍ରସ୍ ପୁରସ୍କାର ପ୍ରଦାନ କରାଯାଇଥିବାରୁ ଓ ଏଫଆଇଭିବି ଭଲିବଲ୍ ଫାଉଣ୍ଡେସନ୍ କାଉନସିଲ୍ ସଦସ୍ୟ ହୋଇଥିବାରୁ ଭିଏଫ୍‌ଆଇ, ଏଫ୍‌ଆଇଭିବିକୁ ଧନ୍ୟବାଦ ଜଣାଇବା ସହ ଶ୍ରୀ ସାମନ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ।ଏଥିପାଇଁ ଶ୍ରୀ ସାମନ୍ତ ଭିଏଫ୍‌ଆଇର ସଭାପତି ବୀରେନ୍ଦ୍ର କନୱାର ଓ ସାଧାରଣ ସମ୍ପାଦକ ରାମାନନ୍ଦ ଚୌଧୁରୀ ତଥା ଭିଏଫ୍‌ଆଇର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇବା ସହ ଓଡିଶା ଭଲିବଲ୍ ସଂଘକୁ ମଧ ଶ୍ରୀ ସାମନ୍ତ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ସାମନ୍ତ ପୂର୍ବରୁ ୨୦୨୦ରୁ ୨୪ ପର୍ଯ୍ୟନ୍ତ ଭାରତୀୟ ଭଲିବଲ୍ ସଂଘର ସଭାପତି ଭାବେ କାର୍ଯ୍ୟ କରିଥିଲେ। ଦୀର୍ଘ ଦିନ ଧରି ଭଲିବଲ୍‌ର ବିକାଶ ଦିଗରେ କାର୍ଯ୍ୟ କରିଆସୁଥିବାରୁ ଭିଏଫ୍‌ଆଇ ପକ୍ଷରୁ ଶ୍ରୀ ସାମନ୍ତଙ୍କ କାର୍ଯ୍ୟକୁ ଉଚ଼ିତ ସମ୍ମାନ ଜଣାଇ ତାଙ୍କୁ ଭିଏଫ୍‌ଆଇ ମୁଖ୍ୟ ପୃଷ୍ଠପୋଷକ ଭାବେ ମନୋନୀତ କରିଛନ୍ତି ବୋଲି ଶ୍ରୀ ସାମନ୍ତ କହିଛନ୍ତି।

# ମୁଖ୍ୟ ଶାସନ ସଚ଼ିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସଚ଼ିବସ୍ତରୀୟ ବୈଠକ ଅନୁଷ୍ଠିତ

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶିତ ୧୫ ଟି କାର୍ଯ୍ୟସୂଚ଼ୀକୁ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, (ବ୍ୟୁରୋ): ରାଜ୍ୟର ମୁଖ୍ୟ ଶାସନ ସଚ଼ିବ ଭାବେ ଶ୍ରୀମତୀ ଅନୁ ଗର୍ଗ ଦାୟିତ୍ୱ ଗ୍ରହଣ ପରେ ଆଜି ପ୍ରଥମ ସଚ଼ିବସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକରେ ସମସ୍ତ ବିଭାଗର ସଚ଼ିବମାନଙ୍କ ସହିତ ଆଲୋଚ଼ନା କରି ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ବୈଠକରେ ମୁଖ୍ୟ ଶାସନ ସଚ଼ିବ ଶ୍ରୀମତୀ ଅନୁ ଗର୍ଗ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶିତ ୧୫ ଟି କାର୍ଯ୍ୟସୂଚ଼ୀ କାର୍ଯ୍ୟକାରୀ ପାଇଁ ସଚ଼ିବମାନଙ୍କ ସହିତ ଆଲୋଚ଼ନା କରି ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ । ଶାସନ ପରିଚ଼ାଳନାକୁ ଦକ୍ଷ, ଉତ୍ତରଦାୟୀ ଓ ଲୋକାଭିମୁଖୀ କରିବା, ଓଡ଼ିଶା ଭିଜନ ଲକ୍ଷ୍ୟ ୨୦୩୬ ଓ ୨୦୪୭ ହାଲଲ ପାଇଁ ପ୍ରଥମେ ୨ ବର୍ଷିଆ ଆକ୍ସନ ପ୍ଲାନର କାର୍ଯ୍ୟକାରିତା ସମୀକ୍ଷା, ଅଭିବୃଦ୍ଧି ହାରକୁ ଦୁଇ ଅଂକ ବିଶିଷ୍ଟ କରିବା ପାଇଁ ଲକ୍ଷ୍ୟଭିତ୍ତିକ କାର୍ଯ୍ୟ, ରାଜ୍ୟରେ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀଗୁଡିକ ପୂରଣ ପାଇଁ ତ୍ୱରିତ ପଦକ୍ଷେପ ନିଆଯିବା, ପ୍ରଭାବଶାଳୀ ଓ ନିର୍ମଳ ଶାସନ ବ୍ୟବସ୍ଥା ସ୍ଥାପନ ପାଇଁ ଆପାରଗ ଓ ଅଯୋଗ୍ୟ କର୍ମଚ଼ାରୀମାନଙ୍କ ପ୍ରତି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବା, ମିଶନ କର୍ମଯୋଗୀ




ଅଧିନରେ ସରକାରୀ କର୍ମଚ଼ାରୀଙ୍କ ପାରଇ ପ୍ରଶିକ୍ଷଣ ନିମନ୍ତେ ବାର୍ଷିକ କ୍ୟାଲେଣ୍ଡର ପ୍ରସ୍ତୁତି, ଜିଲ୍ଲା ଓ ରାଜ୍ୟସ୍ତରୀୟ ପ୍ରକଳ୍ପ ଗୁଡିକର ଗୁଣାତ୍ମକତା ବଜାୟ ରଖିବା ସହିତ ପ୍ରକଳ୍ପ କାର୍ଯ୍ୟକାରିତା ତ୍ୱରାନିତ୍ୱ କରାଯିବା ପାଇଁ ପ୍ରକଳ୍ପୱାରୀ ତଦାରଖ, ବଜେଟ୍ ଅନୁମୋଦିତ ଖର୍ଚ୍ଚ ଓ ଏହା ଫଳାଫଳର ସମୀକ୍ଷା, ରାଜ୍ୟର ଦୀର୍ଘମିଆଦି ବିକାଶ ପାଇଁ ଭିତ୍ତିଭୂମି, ଶିଳ୍ପ, ବନ୍ଦର, ସଡକ, ସେତୁ ପାନୀୟ ଜଳ, ଜଳସେଚ଼ନ , ଶକ୍ତି ଓ ସହରାଂଚ଼ଳ ବିକାଶରେ ପୁଞ୍ଜି ବ୍ୟୟକୁ ତ୍ୱରାନିତ୍ୱ କରାଯିବା ଏବଂ ଗ୍ରାମୀଣ ବିକାଶ ପାଇଁ ମିଶନ “ପାୱାର” କାର୍ଯ୍ୟକ୍ରମ ଦ୍ୱାରା ପ୍ରତି ଗ୍ରାମକୁ ବିଦ୍ୟତ୍ ଶକ୍ତି, ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ଏବଂ ସବୁ ଦିନିଆ ରାସ୍ତା ସୁବିଧା ସୁନିଶ୍ଚିତ କରିବା ପାଇଁ ମୁଖ୍ୟ ସଚ଼ିବ ଗୁରୁତ୍ୱ ଦେଇଥିଲେ । ଗୁରୁତ୍ୱପୂର୍ଣ୍ଣ ସରକାରୀ ବୈଠକରେ ଉପସ୍ଥାପନା(ପିପିଟି) ଏବଂ ବୈଠକର ବିବରଣୀ ଗୁଡ଼ିକ ଓଡ଼ିଆ ଭାଷାରେ ପ୍ରସ୍ତୁତି କରାଯିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଯେଉଁ ବିଭାଗର ୱେବସାଇଟ୍ ଓଡ଼ିଆ ଓ ଇଂରାଜୀରେ ଅଦ୍ୟତନ ( ଅପଡେଟ୍ ) କରାଯାଇନାହିଁ, ତାହାକୁ ଅଦ୍ୟତନ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜନ ଅଭିଯୋଗଗୁଡିକ ୧୦ ଦିନ ଭିତରେ ଫଇସଲା କରି ବିବରଣୀ ପ୍ରଦାନ କରିବା, ସଚ଼ିବ ଓ ବରିଷ୍ଠ ଅଧିକାରୀମାନଙ୍କ ଜିଲ୍ଲା ଗସ୍ତ ବିବରଣୀ ପରିଦର୍ଶନ ପୋର୍ଟାଲରେ ଉଲ୍ଲେଖ କରିବା ଓ ଏହାର କାର୍ଯ୍ୟାନୁଷ୍ଠାନ ସଂପର୍କରେ ଅନୁସରଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ପ୍ରଥମେ ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ଉପରେ ଆଲୋଚ଼ନା କରାଯାଇଥିଲା । ଚ଼ଳିତ ଆର୍ଥିକ ବର୍ଷ ସରିବାକୁ ଆଉ ତିନି ମାସ ରହିଥିବା ବେଳେ ବିଭିନ୍ନ ବିଭାଗଙ୍କୁ ୨୦୨୫-୨୬ ବଜେଟ୍ ଅନୁମୋଦିତ ପ୍ରସ୍ତାବିତ କାର୍ଯ୍ୟ କରି ଖର୍ଚ୍ଚ ବୃଦ୍ଧି ଲକ୍ଷ୍ୟ ହାସଲ କରିବାକୁ ମୁଖ୍ୟ ଶାସନ ସଚ଼ିବ ବୈଠକରେ ଗୁରୁତ୍ୱ ଦେଇଥିଲେ । ଏଥି ସହିତ ରାଜ୍ୟର ରାଜସ୍ୱ ଆଦାୟ ଲକ୍ଷ୍ୟ ପୂରଣ କରିବାକୁ କେତେକ ନିର୍ଦ୍ଧିଷ୍ଟ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ । ବୈଠକରେ ଗତ ଡିସେମ୍ବର ୨୭ ଓ ୨୮ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ୫ମ ଜାତୀୟ ମୁଖ୍ୟ ଶାସନ ସଚ଼ିବସ୍ତରୀୟ ସମ୍ମିଳନୀରେ ଆଲୋଚ଼ନାରେ ମାନ୍ୟବର ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଥିବା ଅତି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ନୂଆ ମୁଖ୍ୟ ଶାସନ ସଚ଼ିବ ଶ୍ରୀମତୀ ଗର୍ଗ ଉପସ୍ଥିତ ବିଭିନ୍ନ ବିଭାଗର ସଚ଼ିବମାନଙ୍କ ସହିତ ଆଲୋଚ଼ନା କରି ସେସବୁର ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ପରାମର୍ଶ ଦେଇଛନ୍ତି ।

ଜାତୀୟସ୍ତର ବୈଠକରେ ଗୁରୁତ୍ୱ ଦିଆଯାଇଥିବା ବିଭିନ୍ନ ପ୍ରସଙ୍ଗ ମଧ୍ୟରେ ରାଜ୍ୟରେ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକୁ ଗୋଟିଏ ଗୋଟିଏ ଖୁସିର କେନ୍ଦ୍ର ଭାବେ ବିକଶିତ କରିବା ପାଇଁ ସେ ସଂପର୍କରେ ଆଲୋଚ଼ନା କରାଯାଇଥିଲା । ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ସହିତ ସଂପୃକ୍ତ ବିଭାଗ ସମନ୍ୱୟରେ ଭିତ୍ତିଭୂମି ଓ ଆନୁଷଙ୍ଗିକ ସୁବିଧା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ମାର୍ଚ୍ଚ ୮ ତାରିଖରେ ଆନ୍ତର୍ଜାତୀୟ ମହିଳା ଦିବସ ସୁଦ୍ଧା ସବୁ ଅଙ୍ଗନବାଡିରେ ଶୌଚ଼ାଳୟ ସୁବିଧା ସହିତ ସେଗୁଡିକର ରକ୍ଷଣାବେକ୍ଷଣ ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

ରାଜ୍ୟ ଓ ଦେଶର ବିକାଶରେ ଉଚ୍ଚ଼ଶିକ୍ଷାର ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହୁଥିବାରୁ ଗୁଣାତ୍ମକ ଶିକ୍ଷା, ଗବେଷଣା,ଶିକ୍ଷାନୁଷ୍ଠାନ ଗୁଡିକରେ ଦକ୍ଷତାବିକାଶ କାର୍ଯ୍ୟକ୍ରମ, ନିଯୁକ୍ତିଭିତ୍ତିକ ପାଠ୍ୟକ୍ରମ, ସଂପର୍କରେ ପଦକ୍ଷେପ ନିଆଯିବାକୁ ଉଚ୍ଚ଼ଶିକ୍ଷା ବିଭାଗ ଓ ଦକ୍ଷତା ବିକାଶ ବିଭାଗ ସହିତ ଆଲୋଚ଼ନା କରାଯାଇଥିଲା । ଶ୍ରମର ମୂଲ୍ୟ ବୁଝିବା ଏବଂ ଶିଳ୍ପ କ୍ଷେତ୍ରରେ ଆବଶ୍ୟକତା ପୂରଣ ପାଇଁ ବହୁବିଧ କ୍ଷେତ୍ର, ଡିଜିଟାଲ ଦକ୍ଷତା ଆଦି କ୍ଷେତ୍ରରେ ପ୍ରଶିକ୍ଷଣ ଦିଆଯାଇ ଦକ୍ଷ ମାନବ ସମ୍ବଳ ପ୍ରସ୍ତୁତିକୁ ଅଗ୍ରାଧିକାର ଦିଆଯିବା ନେଇ ବୈଠକରେ ଗୁରୁତ୍ୱ ଦିଆଯାଇଛି ।

ଶ୍ରେଣୀରେ ପାଠପଢ଼ା ସହିତ କ୍ରୀଡା ଓ ସହ-ପାଠ୍ୟକ୍ରମକୁ ଗୁରୁତ୍ୱ, ରାଜ୍ୟରେ ଉଚ୍ଚ ଗୁଣାତ୍ମକମାନର ପର୍ଯ୍ୟଟନ ଅନୁଭୂତି ସୃଷ୍ଟି ପାଇଁ ଭିତ୍ତିଭୂମିରେ ଉନ୍ନତି, ସବୁ ବର୍ଗର ପର୍ଯ୍ୟଟକଙ୍କ ପାଇଁ ଆନୁଷଙ୍ଗିକ ସୁବିଧା କରାଯିବା, ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀକୁ ଗୁରୁତ୍ୱ ଦିଆଯାଇ ସ୍ୱଦେଶୀ ଇକୋସିଷ୍ଟମ ସୃଷ୍ଟି, ମାଓବାଦୀ କାର୍ଯ୍ୟକଳାପରୁ ନିବୃତ୍ତ ରଖିବା ପାଇଁ ସଂପୃକ୍ତ ଅଂଚ଼ଳମାନଙ୍କରେ ଜୀବିକାର୍ଜନ ପାଇଁ ବ୍ୟକ୍ତିଗତ ଓ ସାମୁହିକ ଅନୁକୂଳ ସୁବିଧା ସୃଷ୍ଟି ଆଦି ସଂପର୍କରେ ବୈଠକରେ ଗୁରୁତ୍ୱ ଦିଆଯାଇଛି । ପ୍ରତି ବିଭାଗର ଆଭିମୁଖ୍ୟ ଯେପରି ଜାତୀୟ ଆଭିମୁଖ୍ୟ ସହିତ ସଂଯୋଜିତ ହେବ ଏବଂ ମୂଲ୍ୟଯୁକ୍ତ କୃଷି ଉତ୍ପାଦନ ସହ ବିଶ୍ୱରେ ଭାରତ ଓ ତହିଁରେ ଓଡ଼ିଶାର ଯୋଗଦାନର ମହତ୍ୱ ସଂପର୍କରେ ଗୁରୁତ୍ୱ ଦେଇ ତଦନୁରୂପେ ରଣନୀତି ପ୍ରଣୟନ ପାଇଁ ମୁଖ୍ୟ ଶାସନ ସଚ଼ିବ ନିର୍ଦ୍ଦେଶ ଦେଇଛନ୍ତି ।

# ବିଭିନ୍ନ ସରକାରୀ ଯୋଜନାରେ ୨୮୨ରୁ ଉର୍ଦ୍ଧ୍ୱ ହିତାଧିକାରୀ ଉପକୃତ

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୭୧ ପରିବାରକୁ ଘର ଓ ୧୫୭ ଭୂମିହୀନଙ୍କୁ ଜମି ପଟ୍ଟା



ଝାରସୁଗୁଡ଼ା( ନି ପ୍ର) -ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ୍ ପରିସରରେ ବିଭିନ୍ନ ସରକାରୀ ଯୋଜନାରେ ଉପକୃତ ହୋଇଥିବା ହିତାଧିକାରୀମାନଙ୍କୁ କାର୍ଡ ବଣ୍ଟନ କରାଯାଇଅଛି। ଏହି କାର୍ଯ୍ୟକ୍ରମରେ ବରଗଡ ମାନ୍ୟବର ସାଂସଦ ପ୍ରଦୀପ ପୁରୋହିତ ଏବଂ ଝାରସୁଗୁଡ଼ା ମାନ୍ୟବର ବିଧାୟକ ଟଙ୍କଧର ତ୍ରିପାଠୀ ଅତିଥି ଭାବେ ଯୋଗ ଦେଇ ହିତାଧିକାରୀମାନଙ୍କୁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ସହାୟତା ରାଶି, ଜମି ପଟ୍ଟା ଏବଂ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି।

କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମାନ୍ୟବର ବିଧାୟକ ଶ୍ରୀ ତ୍ରିପାଠୀ କହିଛନ୍ତି, ‘ସମାଜର ଶେଷ ପାହାଚ଼ରେ ଥିବା ବ୍ୟକ୍ତିଙ୍କ ପାଖରେ ସରକାରୀ ଯୋଜନା ପହଞ୍ଚାଇବା ଆମର ଲକ୍ଷ୍ୟ। ଆଜି ପ୍ରଦାନ କରାଯାଇଥିବା ସହାୟତା ଲୋକଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ସେମାନଙ୍କ ପରିବାରରେ ଖୁସି ଆଣିଦେବ।‘

ସେହିପରି ସାଂସଦ ଶ୍ରୀ ପୁରୋହିତ ନିଜ ବକ୍ତବ୍ୟରେ କହିଛନ୍ତି ଯେ, ‘କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ ଝାରସୁଗୁଡ଼ାର ଯୁବପିଢ଼ି ଓ ଶ୍ରମିକ ଶ୍ରେଣୀ ଆଜି ଉପକୃତ ହେଉଛନ୍ତି। ନିଯୁକ୍ତି ଠାରୁ ଆରମ୍ଭ କରି ବାସଗୃହ ଯୋଗାଇଦେବା ପର୍ଯ୍ୟନ୍ତ ପ୍ରତିଟି ପ୍ରତିଶ୍ରୁତି ପୂରଣ କରାଯାଉଛି। ‘ସହରାଞ୍ଚଳରେ ବାସହୀନ ପରିବାରଙ୍କୁ ନିଜସ୍ୱ ପକ୍କାଘର ଯୋଗାଇଦେବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ଅଧୀନରେ ୭୧ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହି ଯୋଜନାରେ ପ୍ରତି ହିତାଧିକାରୀଙ୍କୁ ଗୃହ ନିର୍ମାଣ ନିମନ୍ତେ ୨.୫ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ପ୍ରଦାନ କରାଯାଉଛି। ଜିଲ୍ଲାର ଭୂମିହୀନ ଲୋକଙ୍କୁ ସ୍ଥାୟୀ ଠିକଣା ଦେବା ପାଇଁ ବସୁନ୍ଧରା ଯୋଜନା ଅନୁଯାୟୀ ୧୫୭ ଜଣ ହିତାଧିକାରୀଙ୍କୁ ଭୂମି ପଟ୍ଟା ପ୍ରଦାନ କରାଯାଇଛି। ଏହି ଅଭିଯାନରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ବାସଗୃହ ନିର୍ମାଣ ପାଇଁ ୨ ଡେସିମିଲ୍ ଲେଖାଏଁ ଜମି ଯୋଗାଇ ଦିଆଯାଇଛି। ଶିକ୍ଷା କ୍ଷେତ୍ରରେ ସମାନତା ଆଣିବା ପାଇଁ ସରକାରଙ୍କ ପକ୍ଷରୁ ୧୦ ଜଣ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ମାଗଣା ଲାପଟପ୍ ପ୍ରଦାନ କରାଯାଇଛି, ଯାହା ସେମାନଙ୍କ ଉଚ୍ଚଶିକ୍ଷା ଓ କ୍ୟାରିୟର ଗଠନରେ ସହାୟକ ହେବ। ଶ୍ରମ ଏବଂ ରାଜ୍ୟ କର୍ମଚ଼ାରୀ ବୀମା ବିଭାଗ ପକ୍ଷରୁ ଶ୍ରମିକ କଲ୍ୟାଣ ନିମନ୍ତେ ବ୍ୟାପକ ସହାୟତା ରାଶି ବଣ୍ଟନ କରାଯାଇଛି। ବିବାହ ସହାୟତା ଯୋଜନାରେ ୧୧ ଜଣ ହିତାଧିକାରୀଙ୍କୁ କନ୍ୟା ପିଛା ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଅସଂଗଠିତ କ୍ଷେତ୍ରର ୨ ଜଣ ଶ୍ରମିକଙ୍କ ମୃତ୍ୟୁ ହେତୁ ସେମାନଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଅନ୍ୟ ୭ ଜଣ ଉତ୍ତରାଧିକାରୀଙ୍କୁ ଜଣ ପିଛା ୩.୦୫ ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲ୍ଲାର ବେକାର ଯୁବକଯୁବତୀଙ୍କୁ ରୋଜଗାରକ୍ଷମ କରିବା ପାଇଁ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ମାଧ୍ୟମରେ ୧୪ ଜଣ ଯୋଗ୍ୟ ପ୍ରାର୍ଥୀଙ୍କୁ ବିଭିନ୍ନ ଘରୋଇ ସଂସ୍ଥାରେ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ଏହି ସମାରୋହରେ ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ତହସିଲଦାର, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନର ବହୁ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚ଼ାଳନା କରିଥିଲେ।

# ବିଜେପିରେ ମିଶିଲେ ବିଜେଡିର ଶତାଧିକ କର୍ମୀ



ଝାରସୁଗୁଡା ( ନି ପ୍ର)- ନୂଆବର୍ଷରେ ବିଜୁ ଜନତା ଦଳର ହାତ ଛାଡି ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି ଶତାଧିକ କର୍ମୀ ଓ ପ୍ରଧାନମନ୍ତ୍ରୀଙ୍କ ନୀତି ଆଦର୍ଶ ଓ ବିଜେପିର ଲୋକାଭିମୁଖୀ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଲଇକେରା ବ୍ଲକର ୫ ଟି ପଂଚ଼ାୟତର କର୍ମୀଙ୍କୁ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ବିଟିଏମ ସ୍ଥିତ କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ ସାମିଲ କରିଛନ୍ତି ଓ ଲଇକେରା ବ୍ଲକ ପାକେଲପଡା, ଜାମମାଲ, କୁଲେମୁରା, ସରାଙ୍ଗଲୋଇ ଓ ନିକ୍ତିମାଲ ପଂଚ଼ାୟତର ହେବିୱେଟଙ୍କ ସହ ଶତାଧିକ ବିଜେଡି କର୍ମୀ ବିଜେପିରେ ସାମିଲ ହୋଇଛନ୍ତି ଓ ଆଜି ଅପରାହ୍ନରେ ବିଟିଏମ ସ୍ଥିତ ବିଜେପି କାର୍ଯ୍ୟାଳୟ ରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କୁଲେମୁରା ପଂଚ଼ାୟତ ର ବରିଷ୍ଠ ବିଜେଡି କର୍ମୀ ଗୋପାଳ ପଟେଲ, ଭେଷଜ ପଟେଲ, ସରାଙ୍ଗଲୋଇ ଜିପି ର ହରିଜନ ସମାଜ ସଭାପତି ଲକ୍ଷ୍ମୀଧର ମଙ୍ଗରାଜ, ବିଜେଡି ପଂଚ଼ାୟତ ପ୍ରମୁଖ ଚେତରାମ ଦର୍ଶା ଓ ରାଜକୁମାର ନାୟକ, ପାକେଲପଡା ଜିପିର ବିଜେଡି ପଂଚ଼ାୟତ ପ୍ରଭାରୀ ରମାକାନ୍ତ ପାଢ଼ୀ ଓ ପ୍ରମୋଦ ମହାନନ୍ଦ, ଜାମ ମାଲ ଜିପିର ବିଜେଡି ସଭାପତି ଜଗମୋହନ ବୁଦୁଲା ଓ ନାୟବ ସରପଞ୍ଚ ବିରଞ୍ଚି ମାଝୀ ଏବଂ ନିକ୍ତିମାଲ ଜିପିର କିସାନ ସମାଜ ସଭାପତି ଗୋବର୍ଦ୍ଧନ ପ୍ରଧାନ, ଶଶୀ କିସାନ ଓ ଦିଲୀପ ଆଗ୍ରୱାଲଙ୍କ ଭଳି ଅନୁଭବୀ ଓ ଦକ୍ଷ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି ଓ ଆଗାମୀ ଦିନ ରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ ଶ୍ରୀ ତ୍ରିପାଠୀ ଙ୍କ ନେତୃତ୍ୱରେ କାର୍ଯ୍ୟ କରିବା ସହିତ ବିଜେପି ଦଳକୁ ସୁଦୃଢ଼ କରିବେ ବୋଲି ମତ ପ୍ରକାଶ କରିଥିଲେ ଓ ଅନୁଷ୍ଠିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରେମସେନ ରାୟ, ଲଇକେରା ବ୍ଲକ ମଣ୍ଡଳ ସଭାପତି ଦ୍ୱିତୀୟା ଓରାମ, ପୂର୍ବତନ ମଣ୍ଡଳ ସଭାପତି ପଙ୍କଜ ବେହେରା, ନିଶିକାନ୍ତ ପଟେଲ, ଲଳିତ ମଗର ପ୍ରମୁଖ ଉପସ୍ଥିତ ଥିଲେ ।

Printed, Published, edited and owned by Ipsita Pati, published from Plot No-214/A, Sahid Nagar, Bhubaneswar, PIN- 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, PIN- 751014, Khurda, Odisha. email: pratishabda7@gmail.com
Editor- Ipsita Pati
ସମ୍ପାଦିକା: ଇପ୍‌ସିତା ପତି